## ସଂକ୍ଷେପରେ

### ଯାଜପୁର ଏମ୍‌ପିଙ୍କ ପକ୍ଷରୁ ରିଲିଫ ବଣ୍ଟନ

ରସୁଲପୁର,୮।୮ (ରଞ୍ଜିତ ରାଉତ): ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀଙ୍କ ନିର୍ଦ୍ଦେଶକ୍ରମେ ଜିଲାର ବିଭିନ୍ନ ସ୍ଥାନରେ ବନ୍ୟା ବିପନ୍ନମାନଙ୍କୁ ରିଲିଫ ବଣ୍ଟନ କରାଯାଇଛି। ସଂସଦର ମୌସୁମୀ ଅଧିବେଶନ କାରଣରୁ ଏମ୍‌ପି ସେଠୀ ଦିଲ୍ଲୀରେ ରହୁଛନ୍ତି। ଜିଲାର ବିଭିନ୍ନ ବ୍ଲକର ଜନସାଧାରଣ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଉକ୍ତ ଖବର ଜାଣି ସେ ଦୁଃଖ ପ୍ରକାଶ କରିବା ସହ ବିପନ୍ନଙ୍କ ନିକଟରେ ଶୁଖିଲା ଖାଦ୍ୟ ପହଞ୍ଚାଇବା ପାଇଁ ଦିଲ୍ଲୀରେ ଥାଇ ବନ୍ଦୋବସ୍ତ କରିଥିଲେ। ସେ ତାଙ୍କ ରାଜନୈତିକ ସହଯୋଗୀଙ୍କ ସହାୟତାରେ ରସୁଲପୁର ବ୍ଲକ ଅନ୍ତର୍ଗତ ବନ୍ଧଡ଼ିହ, ମଙ୍ଗରାଜପୁର, ଯାଜପୁର ବ୍ଲକ ଅନ୍ତର୍ଗତ ଝାଲପଡ଼ା, ବରୀ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ଶୁଖିଲା ଖାଦ୍ୟ ପୁଡ଼ିଆ ବଣ୍ଟନ କରିଛନ୍ତି। ବିଶ୍ୱଜ୍ୟୋତି ପତି, ରାମଚନ୍ଦ୍ର ସେଠୀ, ଅଶୋକ ସେଠୀ, ଅରୁଣ ପଣ୍ଡା, ରାଜେଶ ସାହୁ, ରାମଚନ୍ଦ୍ର ଘଡ଼ାଇ ଓ ପ୍ରଭୁ ପଣ୍ଡାଙ୍କ ସମେତ ବହୁ ଜନସାଧାରଣ ସାମିଲ ହୋଇ ବିଭିନ୍ନ ସ୍ଥାନରେ ରିଲିଫ ବଣ୍ଟନ କରିଛନ୍ତି।

### ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ଯାଜପୁର ସଦର,୮।୮ (ସମର ବିଜୟ ଶରଣ ): ଯାଜପୁର ବ୍ଲକ ଅନ୍ତର୍ଗତ କବିରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ୨୦୨୩-୨୪ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାଳୟର ସଭାପତି ରବିନ୍ଦ୍ର କର ସଭାପତିତ୍ୱ କରିଥିଲେ । ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜ୍ଞାନ ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିଥିବା ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ । ଉପସଭାପତି ଉଦୟଶଙ୍କର ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ବଟକୃଷ୍ଣ ସାହୁ ପଞ୍ଚାୟତ ହାଇସ୍କୁଲ,ବରୁଆଁର ବିଜ୍ଞାନ ଶିକ୍ଷୟିତ୍ରୀ ସୁଚିତ୍ରା ମହାନ୍ତି, ଇଣ୍ଡିଆ ବୁକ ଅଫ ରେକର୍ଡସରେ ସ୍ଥାନ ପାଇଥିବା ଡିଆଇଆରଟି ଟ୍ରେନର ଅଭିଜିତ ସାହୁ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ତ୍ରିଲୋଚନ ପ୍ରଧାନ ପରିଚୟ ପ୍ରଦାନ କରିଥିଲେ । କୋଷାଧ୍ୟକ୍ଷ ବଟକୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ମେଳାରେ ୪ଶହରୁ ଅଧିକ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ପରିଚାଳନା ନିମନ୍ତେ ବିଭିନ୍ନ ସ୍କୁଲର ବିଜ୍ଞାନ ଶିକ୍ଷକମାନେ ସହଯୋଗ କରିଥିଲେ । ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ତଥା ଅନ୍ୟାନ୍ୟ ସମସ୍ତ ଗୁରୁଜୀ ଗୁରୁମାମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ପ୍ରଶାସନର ଗଣେଶ ପୂଜା ପ୍ରସ୍ତୁତି ବୈଠକ




ଯାଜପୁର ଟାଉନ,୮।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ସେପ୍ଟେମ୍ବର ୧୯ତାରିଖ ଗଣେଶ ପୂଜା ନିମନ୍ତେ ମଙ୍ଗଳବାର ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ, ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ଟାଉନ ଥାନାଧିକାରୀ ବିଲ୍ୱମଙ୍ଗଳ ସେଠୀ ପ୍ରମୁଖ ଯୋଗଦେଇଥିଲେ। ସେପ୍ଟେମ୍ବର ୧୯ରେ ଗଣେଶ ପୂଜା ଅନୁଷ୍ଠିତ ହେବାସହ ୨୧ରୁ୨୬ ତାରିଖ ମଧ୍ୟରେ ଭସାଣି ଉତ୍ସବ ଶେଷ କରିବାକୁ ବୈଠକରେ ସ୍ଥିର କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭସାଣ ଉତ୍ସବ ରାତ୍ର ୧୦ଟା ମଧ୍ୟରେ ଶେଷ କରିବା ପାଇଁ ନିଷ୍ପତ୍ତି ହୋଇଛି। ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ଭସାଣି ଉତ୍ସବରେ ଉଚ୍ଚସ୍ୱର ବ୍ୟବହାର ନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଡିଜେକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଅଶ୍ଳୀଳ ନୃତ୍ୟ ଓ ସଂଗୀତ ପରିବେଷଣ ଉପରେ କଟକଣା ଜାରି କରାଯାଇଛି। ବୈଠକରେ ୬୮ ପୂଜା କମିଟିର ସଭାପତି, ସମ୍ପାଦକ ଓ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଗଣେଶ ପୂଜା ଭସାଣ ଉତ୍ସବରେ ପ୍ରାୟ ୬୦ ମେଢ଼ ସାମିଲ ହେଉଥିବାବେଳେ ଏହାକୁ ଶାନ୍ତିଶୃଙ୍ଖଳା ସହ ସମାପନ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ।

# ଅବ୍ୟବସ୍ଥାରେ ଫାୟାର ଷ୍ଟେଶନ ବାଇପାସ୍ ଗୋଲେଇ ଛକ

■ ଯାତ୍ରୀଙ୍କ ଦୁର୍ଦ୍ଦଶା ବଢୁଛି, ଜଳୁନାହିଁ ହାଇମାଷ୍ଟ ଲାଇଟ୍
■ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି



ଯାଜପୁରରୋଡ୍,୮।୮(ପବିତ୍ର ମହାନ୍ତି): ୨୦ନଂ. ଜାତୀୟ ରାଜପଥର ଫାୟାର ଷ୍ଟେଶନ ବାଇପାସ୍ ଗୋଲେଇ ଛକ ଅବ୍ୟବସ୍ଥା ମଧ୍ୟରେ ରହିଛି। ଏହି ଛକ ବ୍ୟାସନଗର ସହରର ପ୍ରବେଶ ପଥ। ପାଣିକୋଇଲି-ରାଜାମୁଣ୍ଡା ନୂତନ ଭାବେ ଜାତୀୟ ରାଜପଥ ନିର୍ମାଣ ବେଳେ ଏହି ଛକଟି ସୃଷ୍ଟି ହୋଇଥିଲା। ଫଳରେ ବସ୍, ଟ୍ରକ ସହ ଅନ୍ୟ ଗାଡ଼ି ବ୍ୟାସନଗର ସହର ମଧ୍ୟରେ ପ୍ରବେଶ ନ କରି ଏହି ଛକ ଦେଇ ପାଣିକୋଇଲିରେ ବାହାରି କଟକ, ଭୁବନେଶ୍ୱର ଓ ଅନ୍ୟ ସ୍ଥାନକୁ ଯାଇପାରିବେ। ପାଣିକୋଇଲିପଟୁ ଆସୁଥିବା ଯାନବାହନ ସହର ଭିତରେ ପ୍ରବେଶ ନ କରି ଏହି ଛକଦେଇ କେନ୍ଦୁଝର, ରାଉରକେଲା ଓ ମୟୂରଭଞ୍ଜ ଜିଲାକୁ ଯାଇପାରିବେ। ଏହାବ୍ୟତୀତ ସୁକିନ୍ଦା ଖଣି ଅଞ୍ଚଳ ଓ କଳିଙ୍ଗନଗର ଶିଳ୍ପାଞ୍ଚଳରୁ ଆସୁଥିବା ବିଭିନ୍ନ ଭାରିଯାନ ସହ ଅନ୍ୟ ଗାଡ଼ି ବ୍ୟାସନଗର ସହର ମଧ୍ୟରେ ପ୍ରବେଶ ନ କରି ବିଜୁ ପଟ୍ଟନାୟକ ମାର୍ଗ ମିଲିଟାରି ଛକ ଦେଇ ଏହି ଛକରେ ବାହାରି ନିଜ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିବେ।

ସେହିପରି କେନ୍ଦୁଝର କି କଟକ ଆଡୁ ଆସୁଥିବା ଗାଡି ମଧ ଏହି ବାଟ ଦେଇ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଯାଇପାରିବେ। ଫଳରେ ବ୍ୟାସନଗର ସହରରେ ଆଉ ଟ୍ରାଫିକ ସମସ୍ୟା ସୃଷ୍ଟି ହେବ ନାହିଁ। ତେଣୁ ଏହି ଛକ ଯାତାୟାତ ଦୃଷ୍ଟିରୁ ଗୁରୁତ୍ୱ ବହନ କରେ। ସବୁଠାରୁ ବଡ କଥା ହେଲା ବିଭିନ୍ନ ସ୍ଥାନକୁ ଯିବା ପାଇଁ ଏଠାରୁ ବସର ସୁବିଧା ଉପଲବ୍ଧ ହୋଇଥାଏ। ତେଣୁ ସକାଳୁ ରାତି ପର୍ଯ୍ୟନ୍ତ ଲୋକଙ୍କ ଉପସ୍ଥିତି ଦେଖିବାକୁ ମିଳିଥାଏ। ଲୋକେ ଦୂର ସ୍ଥାନକୁ ଯିବା ପାଇଁ ଏଠାରେ ବସକୁ ଅପେକ୍ଷା କରିଥାନ୍ତି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଯେତିକି ପରିମାଣର ଆଲୋକ ବ୍ୟବସ୍ଥା ଏଠାରେ ହେବା କଥା ତାହା ହୋଇନାହିଁ। ଯେଉଁ ଆଲୋକୀକରଣ ହୋଇଛି, ତାହା ପୁଣି ବାରମ୍ବାର ଅଚଳ ହୋଇ ପଡୁଥିବା ଅଭିଯୋଗ ହେଉଛି। ଛକ ମଧ୍ୟରେ ଥିବା ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଠିକରେ କାର୍ଯ୍ୟ କରୁନାହିଁ। ଅଧିକାଂଶ ଲାଇଟ ବିଭିନ୍ନ ସମୟରେ ଅଚଳ ରହୁଛି। ଏହାବ୍ୟତୀତ କଳିଙ୍ଗନଗର ମିଲିଟାରି ଛକ ଆଡକୁ ଯାଇଥିବା ରାସ୍ତାରେ ଆଲୋକୀକରଣର ବ୍ୟବସ୍ଥା ଥିଲେ ମଧ ସେ ସବୁ ଠିକରେ କାମ କରୁନାହିଁ। କିଛି ଲାଇଟ ଦିନରେ ଜଳୁଥିବା ଅଭିଯୋଗ ହୁଏ। ଆବଶ୍ୟକ ଆଲୋକ ଅଭାବରୁ ରାତିରେ ଏହି ଅଞ୍ଚଳ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ରାତି ହେଲେ ଲୋକେ ଏହି ବାଟ ଦେଇ ଯିବା ପାଇଁ ଭୟ କରୁଛନ୍ତି। ଅନ୍ଧାର ସୁଯୋଗରେ ନିକଟରେ ଥିବା ମହିମା ମଠ ସମେତ ଅନ୍ୟସ୍ଥାନରୁ ମଧ ଚୋରି ହେଉଛି। ଛକ ନିକଟରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ଲୁହାରେ ନିର୍ମାଣ ହୋଇଥିବା ଏକ ରେଷ୍ଟ ଶେଡକୁ କେହି ଓଲଟାଇ ପକାଇ ନେବା ଯୋଜନା କରିଥିବା ଦେଖିବାକୁ ମିଳିଛି। ଏହି ଛକରୁ ପାଣିକୋଇଲିକୁ ଯିବା ରାସ୍ତାର ଉଭୟ ପାର୍ଶ୍ୱରେ ଲାଗି ଥିବା ଲୁହା ରୋଲିଂ ଚୋରି ହେବାରେ ଲାଗିଛି। ବିଭିନ୍ନ ଦୃଷ୍ଟିକୋଣରୁ ଛକଟି ଜନଗହଳି ପୂର୍ଣ୍ଣ ହୋଇଥିବାବେଳେ ଏଠାରେ ବିଶ୍ରାମାଗାର, ପାନୀୟଜଳ କି ଶୌଚାଳୟର ବ୍ୟବସ୍ଥା ନାହିଁ।

ଦୁଇ ବର୍ଷ ତଳେ ଜିଲା ପ୍ରଶାସନ ପକ୍ଷରୁ ଛକର ସୌନ୍ଦର୍ଯ୍ୟକରଣ କରାଯାଇଥିଲେ ହେଁ ଯାତ୍ରୀଙ୍କ ସବୁ ସମସ୍ୟା ପ୍ରତି ଦୃଷ୍ଟି ଦିଆଯାଇନାହିଁ। ଛକ ନିକଟରେ ଯାଜପୁର ରୋଡ ଦମକଳ କେନ୍ଦ୍ର, ବିଦ୍ୟୁତ୍ ଷ୍ଟେଶନ, ଯାଜପୁର ରୋଡ୍ ଥାନା, ଭେଣ୍ଡିଂ ଜୋନ ସହିତ ପୁରାତନ ଐତିହାସିକ ଜୈନ ଗୁମ୍ଫା, ମହିମା ଅଲେଖ ମଠ ଓ ହନୁମାନ ମନ୍ଦିର ଆଦି ଧର୍ମସ୍ଥଳୀ ରହିଛି। ଆଗକୁ ସରକାରୀ ଓ ବେସରକାରୀ ଭାବେ ଏକାଧିକ ପ୍ରକଳ୍ପ ନିର୍ମାଣ ହେବାର ପ୍ରସ୍ତାବ ରହିଛି। ତେଣୁ ଏଠାରେ ରହିଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ଜିଲା ପ୍ରଶାସନ, ବ୍ୟାସନଗର ପୌର ପ୍ରଶାସନ ଓ ଏନ୍‌ଏଚଏଆଇ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଦାନଗଦି ବ୍ଲକ ମହିଳା ନେତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

କଳିଙ୍ଗନଗର,୮।୮(ଶୁଭାଶିଷ ରାଉତ): ମିଶନ ଶକ୍ତି ବିଭାଗ ପକ୍ଷରୁ ଭୁବନେଶରଠାରେ ୩ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ମିଶନ ଶକ୍ତିର ଉପାଦେୟତା ଉପରେ ଅଭିଭାଷଣ ରଖି ଦାନଗଦି ବ୍ଲକ ମହିଳା ସଭାନେତ୍ରୀ କୁସୁମ ଘଡ଼ାଇ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ତାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି।

୫ ଜିଲାର ୮୦ ବ୍ଲକସ୍ତରୀୟ ଫେଡେରେଶନ ମହିଳା ନେତ୍ରୀଙ୍କୁ ନେଇ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଦାନଗଦି ବ୍ଲକ ବିଏଲ୍‌ଏଫ୍ ସଭାନେତ୍ରୀ କୁସୁମ ଘଡ଼ାଇ, ସଂଯୋଜିକା କେଶୀଲତା ରାଉତ, ସମ୍ପାଦିକା କୌଶଲ୍ୟା ବଳ, କୋଷାଧକ୍ଷ ସବିତା ସାହୁ ଓ ଯୁଗ୍ମ ସମ୍ପାଦିକା ଆଚାର୍ଯ୍ୟବାଳା ସିଂ ପ୍ରମୁଖ ସାମିଲ ହୋଇଥିଲେ। ମିଶନ ଶକ୍ତି ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ ପାଣ୍ଡିଆନ, ମିଶନ ଶକ୍ତି ସଚିବ ଓ ସମନ୍ୱିତ ମହିଳା ଓ ଶିଶୁ ବିକାଶ ସଚିବ ପ୍ରମୁଖଙ୍କ ଦ୍ୱାରା ମିଶନ ଶକ୍ତି ଉପରେ ବକ୍ତବ୍ୟ ରଖିବାକୁ ଘଡ଼ାଇ ଚୟନ ହୋଇଥିଲେ। ନାରୀ ସଶକ୍ତକରଣ କ୍ଷେତ୍ରରେ ମିଶନ ଶକ୍ତିର ଭୂମିକା ସମ୍ପର୍କରେ ସେ ବକ୍ତବ୍ୟ ରଖିଥିଲେ। ୭୦ ଲକ୍ଷ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ରାଜ୍ୟ ସରକାରଙ୍କ ଉଦ୍ୟମକୁ ସେ ପ୍ରଶଂସା କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ପାରିଥିଲେ। କର୍ମଶାଳାରେ ମହିଳା ନେତ୍ରୀମାନଙ୍କ ଶିକ୍ଷଣୀୟ ଅନୁଭୂତି ଶୁଣି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ।



କର୍ମଶାଳାରେ ମିଶନ ଶକ୍ତି ମହିଳାଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

## ଜିଲାପାଳଙ୍କୁ ଭେଟିଲା ଓଡ଼ିଶା କୃଷକ ବିକାଶ ମଞ୍ଚ



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଓଡ଼ିଶା କୃଷକ ବିକାଶ ମଞ୍ଚର କର୍ମକର୍ତ୍ତା।

ଯାଜପୁର ଟାଉନ,୮।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) : ଯାଜପୁର ଡିଆରଡିଏ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଓଡ଼ିଶା କୃଷକ ବିକାଶ ମଞ୍ଚ ପକ୍ଷରୁ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମୁଖ୍ୟତଃ ଡିଲରଙ୍କ ପାଖରେ ସାର ମହଜୁଦ ନ ଥିବାରୁ ଓ କଳାବଜାର ଚାଲିଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି । ତୁରନ୍ତ ଡିଲରଙ୍କ ଗୋଦାମ ତନଖି ସହିତ ଠିକ୍ ମୂଲ୍ୟରେ ସାର ବିକ୍ରି କରିବାକୁ କୃଷକ ନେତୃବୃନ୍ଦ ଦାବି କରିଥିଲେ। ଜିଲାପାଳ କୃଷି ଅଧିକାରୀଙ୍କୁ ଡାକି ତୁରନ୍ତ ପ୍ରଥମେ ବରୀ ବ୍ଲକ୍ ଯାଇ ଅନୁସନ୍ଧାନ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ପ୍ରତି ପଞ୍ଚାୟତରେ କାଞ୍ଜିଆହୁଦା ନିର୍ମାଣ ନିମନ୍ତେ ୫ ଲକ୍ଷ ଟଙ୍କା ମଞ୍ଜୁର କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ଜିଲା କୃଷକ ବିକାଶ ମଞ୍ଚର ସାଧାରଣ ସମ୍ପାଦକ ରବିନ୍ଦ୍ର ଜେନା, ସନାତନ ସାହୁ, ଭୁବନାନନ୍ଦ ସାମଲ, ପ୍ରଶାନ୍ତ ବେଉରା, ପ୍ରଶାନ୍ତ ପଢ଼ିହାରୀ, କୋରେଶି ଖାତୁନ୍, ମୁସ୍ତାକ ଅଲ୍ଲୀ ଖାଁ, କୁଞ୍ଜବିହାରୀ ବେହେରା, ମନୋଜ ଦାଶ, ବଳରାମ ବଳ, ନଟବର ଜେନା, ଜୟରାମ ନାୟକ, ସୀମାନ୍ତ ପାତ୍ର, ବିଘ୍ନେଶ୍ୱର ମହାନ୍ତି, ପଦ୍ମନ କୁମାର କର, ପ୍ରଦୀପ କୁମାର ଜେନା, ଗୌତମ ମଳିକ ପ୍ରମୁଖ ଉପସ୍ଥିତ ଥିଲେ।

## ସପନେଶ୍ୱର ବୋଲବମ୍ ସଂଘର ବାର୍ଷିକ ଉତ୍ସବ

ବାଲିଚନ୍ଦ୍ରପୁର,୮।୮ (ଗିରିଜା ପ୍ରସାଦ ସ୍ୱାଇଁ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଣକା ପଞ୍ଚାୟତର କୃଷ୍ଣପୁରଶାସନଠାରେ ସପନେଶ୍ୱର ବୋଲବମ୍ ସଂଘର ୨୭ତମ ବାର୍ଷିକ ଉତ୍ସବ ଓ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୋବିନ୍ଦ ଚନ୍ଦ୍ର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଦୀର୍ଘ ବର୍ଷ ହେବ ଏହିପରି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କୃଷ୍ଣପୁରଶାସନ ଓ ଆଖପାଖ ଅଞ୍ଚଳର ଗ୍ରାମବାସୀ ପାଳନ କରୁଥିବାରୁ ସେମାନଙ୍କୁ ସାଧୁବାଦ ଦେବା ସହ ପ୍ରତିବର୍ଷ ଏହା ଅନୁଷ୍ଠିତ ହେବା ପାଇଁ ଲୋକମାନଙ୍କ ପାଖରେ ଆଶା ଓ ବିଶ୍ୱାସ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବାଲିଚନ୍ଦ୍ରପୁର ଷ୍ଟେଟ୍ ବ୍ୟାଙ୍କର ମ୍ୟାନେଜର ଚନ୍ଦନ କୁମାର ମାହାଲା, ଡେପୁଟି ମ୍ୟାନେଜର ଦେବେନ୍ଦ୍ର ନିରଞ୍ଜନ ସାହୁ, ତ୍ରିନାଥ ନାୟକ, ସରପଞ୍ଚଙ୍କ ପ୍ରତିନିଧି ସମରେନ୍ଦ୍ର ମହାପାତ୍ର ଓ ସମିତିସଭ୍ୟାଙ୍କ ପ୍ରତିନିଧି ନିରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସାଂସ୍କୃତିକ ମହୋତ୍ସବରେ କଳାକାର ରବୀନ୍ଦ୍ର ମହାପାତ୍ର, ଅଞ୍ଜଳି ମିଶ୍ର ଓ ସଞ୍ଜୟ ଭୋଇ ପ୍ରମୁଖ ସଂଗୀତ ପରିବେଶଣ କରି ଶ୍ରଦ୍ଧାଳୁଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ବୋଲବମ୍ ସଂଘ କର୍ମକର୍ତ୍ତା ରାମ ଚନ୍ଦ୍ର ସିଂହ, ପବିତ୍ର କୁମାର ନାୟକ, ଶୁଭ୍ରଜିତ୍ ନାୟକ, ସୁରେଶ ଚନ୍ଦ୍ର ସାହୁ, ସୁଶାନ୍ତ କୁମାର ବେହେରା, ଦୁର୍ଯ୍ୟୋଧନ ସାହୁ, ଚୈତନ୍ୟ ସାହୁ ଓ ଶଶିଭୂଷଣ ଦାଶ ପ୍ରମୁଖ ଯୋଗଦେଇ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଯାଜପୁର ମେଡିକାଲ କଲେଜକୁ ଯଯାତି କେଶରୀଙ୍କ ନାମରେ ନାମିତ ଦାବି

ଯାଜପୁର,୮।୮ (ହର୍ଷବର୍ଦ୍ଧନ ବେହେରା) ଯାଜପୁର ଜିଲା ସଦର ମହକୁମାରେ ନିର୍ମାଣାଧୀନ ମେଡ଼ିକାଲ କଲେଜକୁ ଯଯାତି କେଶରୀଙ୍କ ନାମରେ ନାମିତ କରିବାକୁ ଦାବି ହୋଇଛି। ଏହାସହ ଗୋଖାନା ଷଡ଼େଇ ପୋଖରୀଠାରେ ନିର୍ମାଣ ହେଉଥିବା ଯଯାତି କେଶରୀଙ୍କ ପ୍ରତିମୂର୍ତ୍ତି ଉପଯୁକ୍ତ ଭାବେ ଦୃଷ୍ଟି ଗୋଚର ହେଉନାହିଁ। ଏଣୁ ଏହି ପ୍ରତିମୂର୍ତ୍ତିକୁ ପୁରୁଣା ଆରଏମ୍‌ସି ମାର୍କେଟଠାରେ ସ୍ଥାପନ କରିବା ପାଇଁ ଯାଜପୁର ଜିଲାର ଉପଭୋକ୍ତା ସମିତିର ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଦିଗମ୍ବର କର, ନଗର କଂଗ୍ରେସ ବିଳାସ ଚନ୍ଦ୍ର ରାଉତରାୟ, ଜଗବନ୍ଧୁ ଜେନା, ସୁଦୀପ କୁମାର କର, ନବ କିଶୋର ନାୟକ, ସଂଗ୍ରାମ ଜେନା, ସଂଗ୍ରାମ ଶାହାଣୀ, ରାଜୀବ ମହାପାତ୍ର, ସେଖ ସଲିମ୍, ପ୍ରତିମା କର ପ୍ରମୁଖ ଦାବି କରିଛନ୍ତି।

## ଲକ୍ଷ୍ମୀନାରାୟଣ ତ୍ରିପାଠୀଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା



ଯାଜପୁର ଜିଲା ବିଦ୍ୟୁତ୍ କର୍ମଚାରୀ ମହାସଂଘ ପକ୍ଷରୁ ଅନୁଷ୍ଠିତ କ୍ୟାଣ୍ଡେଲ ଶୋଭାଯାତ୍ରା।

ଯାଜପୁର,୮।୮ (ହର୍ଷବର୍ଦ୍ଧନ ବେହେରା) ଯାଜପୁର ରୋଡ଼ସ୍ଥିତ ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟ ନିକଟରେ ମଙ୍ଗଳବାର ଯାଜପୁର ଜିଲା ବିଦ୍ୟୁତ୍ କର୍ମଚାରୀ ମହାସଂଘ ତରଫରୁ ଲକ୍ଷ୍ମୀନାରାୟଣ ତ୍ରିପାଠୀଙ୍କ ବିୟୋଗରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଓ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସୂଚନା ମୁତାବକ ଲକ୍ଷ୍ମୀନାରାୟଣ ଟିପିଏସ୍‌ଓଡିଏଲ ଭଞ୍ଜନଗରରେ ଜଣେ ବିଦ୍ୟୁତ୍ ମିଟର ରିଡର ଭାବେ କାର୍ଯ୍ୟରତ ଥିଲେ । ସେ କାର୍ଯ୍ୟରତ ଥିବା ବେଳେ ଜଣେ ଉପଭୋକ୍ତାଙ୍କ ଆକ୍ରୋଶର ଶିକାର ହୋଇଥିଲେ । ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ତାଙ୍କୁ ସମ୍ମାନ ଜଣାଇ ଏହି କ୍ୟାଣ୍ଡେଲ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ଏଥିରେ ମହାସଂଘର ସଭାପତି ବିପ୍ଳବ କେଶରୀ ସାମନ୍ତରାୟ, ଗଙ୍ଗାଧର ମହାପାତ୍ର, ଅଜୟ ରାଉତ, ଚନ୍ଦନ ଦାସ, ମନୋରଞ୍ଜନ ପଣ୍ଡା, ବିଭୂପ୍ରସାଦ ସାହୁ, ଚନ୍ଦନ ମହାପାତ୍ର, ମିହିର ମହାପାତ୍ର, ହରିହର ଦାସ ପ୍ରମୁଖ କର୍ମଚାରୀ ଉପସ୍ଥିତ ଥିଲେ।

## ହେଲ୍ପିଂହ୍ୟାଣ୍ଡ ପକ୍ଷରୁ ସଫେଇ, ଚାରାରୋପଣ

ରସୁଲପୁର,୮।୮(ରଞ୍ଜିତ ରାଉତ): ଯାଜପୁର ଜିଲାର ଅଗ୍ରଣୀ ସାମାଜିକ ସଂଗଠନ ହେଲ୍ପିଂହ୍ୟାଣ୍ଡ ପକ୍ଷରୁ କୁଆଖିଆ ଥାନା ପରିସର ସଫେଇ କରାଯିବା ସହ ସେଠାରେ ଚାରାରୋପଣ କରାଯାଇଛି। ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ନୂତନ ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ବାରିକଙ୍କୁ ଭେଟି ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପରେ ଥାନା ଅଧିକାରୀ ବାରିକ ଥାନା ବଗିଚାରେ ଔଷଧିୟ ଚାରାରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନ ପ୍ରତିଷ୍ଠାତା ପ୍ରଶାନ୍ତ ଷଡ଼ଙ୍ଗୀ, ଉମେଶ ସାହୁ, ସୁଧୀର ସାହୁ, ସ୍ମୃତିରଞ୍ଜନ ପଣ୍ଡା, ଦାମୋଦର ମହାରଣା, ଚିନ୍ମୟୀ ମହାନ୍ତି, ସୁଶାନ୍ତ ସେନାପତି, ଶ୍ରୀଧର ତ୍ରିପାଠୀ, ମନୋରଞ୍ଜନ ମିଶ୍ର, ସୌଭାଗ୍ୟ ବେହୁରା, ସୁଦର୍ଶନ ସାହୁ ଓ ଅଜିତ ଆଇଚଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇ ଥିଲେ।



## 'ଗୀତେ ଗୀତା ବୋଧ' ପୁସ୍ତକ ଉନ୍ମୋଚିତ

ଯାଜପୁର ସଦର,୮।୮(ସମର ବିଜୟ ଶରଣ): ଜମ୍ମୁ-କଶ୍ମୀରର ଅବସରପ୍ରାପ୍ତ ପୋଲିସ ଡିଜି ତଥା ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତ ଜଗଦୀଶପୁର ଗ୍ରାମର ଶିଶିର କୁମାର ମିଶ୍ରଙ୍କ ଅନୁବାଦ ପୁସ୍ତକ 'ଗୀତେ ଗୀତା ବୋଧ' ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ କରକମଳରେ ରାଜଭବନର ଅଭିଷେକ ହଲରେ ଉନ୍ମୋଚିତ ହୋଇଯାଇଛି।

ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କୁ ଅବସରପ୍ରାପ୍ତ ପୋଲିସ ଡିଜି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ଭଗବାନ ଶ୍ରୀକୃଷ୍ଣଙ୍କର ଅଲୌକିକ କୃପା ଓ ପ୍ରେରଣା ଯୋଗୁ ଏହି ପୁସ୍ତକଟି ସମ୍ପୂର୍ଣ୍ଣ ହୋଇଛି ବୋଲି ମିଶ୍ର ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ମିଶ୍ରଙ୍କ ଏହି ପୁସ୍ତକ ସାଧାରଣ ଲୋକଙ୍କ ବୋଧଗମ୍ୟ ହେବାରେ ସହାୟକ ହେବ ବୋଲି ରାଜ୍ୟପାଳ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପ୍ରକାଶକ ବିନୋଦ ବିହାରୀ ବିଶୋଇ ଓ ଅବସରପ୍ରାପ୍ତ ପ୍ରଫେସର ନିରଞ୍ଜନ ବାରିକ ପ୍ରମୁଖ ଯୋଗ ଦେଇଥିଲେ।




ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ଯାଜପୁର ଟାଉନ,୮।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଯାଜପୁର ଜିଲା ଦଶରଥପୁର ବ୍ଲକ୍ ତଳିହା ପଞ୍ଚାୟତର ପୂର୍ବତନ ସରପଞ୍ଚ ରବିନାରାୟଣ ପୁହାଣଙ୍କ ମଙ୍ଗଳବାର ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିଲେ। ପୁହାଣ ୨ଥର ସରପଞ୍ଚ ନିର୍ବାଚିତ ହୋଇଥିଲେ। ରାମବାଗ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା କରି ଅଞ୍ଚଳରେ ଜଣେ ଶିକ୍ଷାବିତ୍ ଭାବେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପାଇଁ ସ୍ଥାନୀୟ ବିଧାୟକ ପ୍ରଣବ ପ୍ରକାଶ ଦାସ ଶୋକବ୍ୟକ୍ତ କରିଛନ୍ତି। ସେହିପରି ଯାଜପୁର ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ଜିଲା ଭାଜପା ସଭାପତି ଗୌତମ ରାୟ, ଜିଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ ଓ ଫୋକସ୍ ପ୍ଲସ୍‌ର ମୁଖ୍ୟସଂପାଦକ ସୁଧାଂଶୁ ଶେଖର ରାଉତ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ଗୋଚର ଜମିରେ ଖୋଳାଯାଉଛି ପୋଖରୀ

ବାଲିଚନ୍ଦ୍ରପୁର,୮।୮(ଗିରିଜାପ୍ରସାଦସାହୁ): ଦର୍ପଣ ତହସିଲ ଅନ୍ତର୍ଗତ ନଳୀପୁର ପଞ୍ଚାୟତ ବାଉଜଙ୍ଗ ରାଜସ୍ୱ ଗ୍ରାମର ଖାତା ନମ୍ବର ୬୧୮, ପ୍ଲଟ୍ ନମ୍ବର ୭୨୧, ୧୦୧୭ରେ ଥିବା ଗୋଚର କିଶମ ଜମିରେ ବଡ଼ଚଣା ବ୍ଲକ ପ୍ରଶାସନ ତତ୍ତ୍ୱାବଧାନରେ ସରକାରୀ ଅର୍ଥ ବିନିଯୋଗରେ ପୋଖରୀ ଖନନ କରାଯାଉଛି। ଏହାକୁ ବିରୋଧ କରି ସ୍ଥାନୀୟ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ପୂର୍ବରୁ ଗ୍ରାମବାସୀ ବ୍ଲକ ଉନ୍ନୟନ ଅଧିକାରୀ ଓ ଦର୍ପଣ ତହସିଲଦାରଙ୍କ ପାଖରେ ବେଆଇନ ପୋଖରୀ ଖନନକୁ ନେଇ ଅଭିଯୋଗ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଏହାପରେ ଗ୍ରାମବାସୀ ଉପଖଣ୍ଡସ୍ତରୀୟ ମାଜିଷ୍ଟ୍ରେଟଙ୍କ ଇଜଲାସରେ ଅଭିଯୋଗ କରିବା ପରେ ମାଜିଷ୍ଟ୍ରେଟ ୧୪୪ ଧାରା ଜାରି କରିବା ସହିତ ଦର୍ପଣ ତହସିଲଦାର ଓ ବାଲିଚନ୍ଦ୍ରପୁର ଥାନାଧିକାରୀଙ୍କୁ ରିପୋର୍ଟ ତଲବ ପାଇଁ କହିଥିଲେ। ମାତ୍ର ତହସିଲ ଓ ପୋଲିସ ପକ୍ଷରୁ ନ୍ୟାୟ ନ ପାଇବାରୁ ବାଉଜଙ୍ଗ ଗ୍ରାମର କିଶୋର ଚନ୍ଦ୍ର ବେହେରା, ଜଗବନ୍ଧୁ ରାଉତ, ରାଜୀବ କୁମାର ରାଉତ, ସୁଶାନ୍ତ କୁମାର ଦାସ ଓ ଚଗଲା ଜେନା ପ୍ରମୁଖ ଯାଜପୁର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ପୋଖରୀଟି ଗ୍ରାମର ଜନବସତିଠାରୁ ବହୁ ଦୂରରେ ଖୋଳାଯାଉଥିବା ଦେଖିବାକୁ ମିଳିଛି, ଯାହାକି ଲୋକମାନଙ୍କ କୌଣସି କାମରେ ଏହା ଆସିବ ନାହିଁ। କେବଳ ଚଞ୍ଚକତା ଓ ଷଡ଼ଯନ୍ତ୍ର କରାଯାଇ ଏଠାରେ ବ୍ୟାପକ ସରକାରୀ ଅର୍ଥ ଲୁଟ କରାଯାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।



ଜେସିବି ଦ୍ୱାରା ପୋଖରୀ ଖୋଳାଯାଉଛି।

## ପଙ୍ଖାରେ ଝୁଲୁଛି ମହିଳାଙ୍କ ମୃତଦେହ

**କୁଜଙ୍ଗ, (ମନୋଜ ପ୍ରଧାନ) :** କୁଜଙ୍ଗ ଥାନା ହସିଣରେ ଜଣେ ମହିଳାଙ୍କ ମଙ୍ଗଳବାର ଝୁଲନ୍ତା ମୃତଦେହ ମିଳିଛି। ସେ ହେଲେ ଗାଁର ତୁଷାର ତରାଇଙ୍କ ସ୍ତ୍ରୀ ସ୍ମୃତିରେଖା। ଏହା ହତ୍ୟା ନା ଆତ୍ମହତ୍ୟା ସ୍ପଷ୍ଟ ହୋଇ ନ ଥିବାବେଳେ ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ କରିଛି। ତଦନ୍ତକାରୀ ଅଧିକାରୀ ମୋଥା କୋର୍ଟ୍ୟା ଥା ସବ୍‌ଇନ୍ସପେକ୍ଟର ବିବେକାନନ୍ଦ ସାହୁ କହିଛନ୍ତି। ଅପରପକ୍ଷେ ଭିଯୋଗକାରୀ ଓ ଅଭିଯୋଗ ସମ୍ପର୍କରେ ପୋଲିସ କୌଣସି ସୂଚନା ଦେଇନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସ୍ମୃତିରେଖାଙ୍କ ସ୍ୱାମୀ ଜଣେ ଟ୍ରାକ୍ଟର ଚାଳକ। ସେ ସକାଳୁ ଟ୍ରାକ୍ଟର ଚଳାଇବାକୁ ଯାଇଥିବା ବେଳେ ଶାଶୁ,ଶ୍ୱଶୁର ବିଲକୁ ଚାଷ କରିବାକୁ ଯାଇଥିଲେ। ଅପରାହ୍ନରେ ଶାଶୁଶ୍ୱଶୁର ଘରେ ପହଞ୍ଚିବାବେଳକୁ ସ୍ମୃତିରେଖାଙ୍କୁ ପଙ୍ଖାରେ ଝୁଲୁଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ବାଲିକୁଦା,୮।୮(ତାପସ ସ୍ୱାଇଁ)

ପୋଖରୀରେ ବୁଡ଼ିଯିବାରୁ ବାଲିକୁଦା ଥାନା ବାହାରଣା ପଞ୍ଚାୟତ ଅନ୍ତର୍ଗତ ଅରିଲୋ ଗାଁର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିକୁଦା ଥାନା ବାହାରଣା ପଞ୍ଚାୟତ ଅରିଲୋ ଗାଁର ରବୀନ୍ଦ୍ର ଜେନା(୬୫)। ସେ ସୋମବାର ପୋଖରୀକୁ ଶୌଚ ହେବାକୁ ଯାଇ ଅସାବଧାନତାବଶତଃ ପୋଖରୀରେ ବୁଡ଼ି ଯାଇଥିଲେ। ବହୁ ସମୟ ଧରି ନ ଫେରିବାରୁ ତାଙ୍କୁ ପରିବାର ଓ ଗାଁ ଲୋକେ ଚାରିଆଡ଼େ ଖୋଜାଖୋଜି କରିଥିଲେ। ଏହାସତ୍ତ୍ୱେ ତାଙ୍କର ସନ୍ଧାନ ମିଳି ନ ଥିଲା। ମଙ୍ଗଳବାର ସକାଳେ ଗାଁର ଜଣେ ପଡ଼ୋଶୀ ପୋଖରୀରୁ ରବୀନ୍ଦ୍ରଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ବାଲିକୁଦା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା (ନଂ. ୨୧/୨୩) ରୁଜୁ ହୋଇଛି।

# ନିର୍ମାଣକୁ ୫ ମାସ ପୂରିନି ରାସ୍ତା ଫାଟିଲା

## ନେତୁଆ ଜଗନ୍ନାଥପୁର ଭାୟା ସନ୍ଥପୁରା
## ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟ ନିମ୍ନମାନର

ଡେରାବିଶ,୮।୮(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ବାରିମୂଳ ପଞ୍ଚାୟତ ତିଲୋତମାଦେଇପୁର ନେତୁଆ ଜଗନ୍ନାଥପୁର ଭାୟା ସନ୍ଥପୁରା ୬.୦୩୦ କିମି ରାସ୍ତା ବ୍ଲକ ଅଞ୍ଚଳର ଏକ ମୁଖ୍ୟ ରାସ୍ତା। ଏହି ରାସ୍ତାକୁ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ୩ କୋଟି ୭୧ଲକ୍ଷ ୩୪ ହଜାର ଟଙ୍କା ବ୍ୟୟ ଅଟକଳରେ ଟେଣ୍ଡର କରାଯାଇଥିଲା। ତେବେ ଏହି କାର୍ଯ୍ୟ ପାଇଁ କାର୍ଯ୍ୟାଦେଶ ନେଇଥିବା ଠିକାଦାର ୨୦୨୨ ଏପ୍ରିଲ ୧୨ରୁ କାର୍ଯ୍ୟ ଆରମ୍ଭ କରି ୨୦୨୩ ମାର୍ଚ୍ଚ ୧୧ରେ ଶେଷ କରିବା ପାଇଁ ଚୁକ୍ତି କରିଥିଲେ। ତେବେ ଏହି କାର୍ଯ୍ୟ ବହୁ ବିଳମ୍ବରେ ଆରମ୍ଭ କରାଯାଇଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତା କାର୍ଯ୍ୟ ପାଇଁ ବିଭାଗ ପକ୍ଷରୁ ଲଗା ଯାଇଥିବା ସୂଚନାଫଳକରେ ୭.୫୦ ଓସାରରୁ ୫.୫୦ ମିଟର ରାସ୍ତା ରହିଥିବା ବେଳେ ଏହା ମୋଟେଇ ୪୦୦ ମିଲିମିଟର ରହିବ। ସୂଚନା ଫଳକ ଅନୁଯାୟୀ, ତଳ ବେସ୍‌ରେ ୧୭୫ ମିଲିମିଟର ମଧ୍ୟରୁ ୭୦ ଭାଗ ଡଷ୍ଟ ଓ ୩୦ ଭାଗ ମେଟାଲ ଦିଆଯାଇ ରୋଲି କରାଯିବ। ତା' ଉପରେ ପୁଣି ୧୫୦ ମିଲି ମିଟର ମୋଟେଇର ଡଷ୍ଟ ଓ ମେଟାଲ୍ ପଡ଼ି ରୋଲିଂ କରାଯିବ। ଏହା ଉପରେ ୫୦ ମିମି ମୋଟେଇ ଚିପସ୍, ୨୫ ମିମି ପିଚୁ କରାଯିବା ପାଇଁ ଉଲ୍ଲେଖ ରହିଛି।

ମାତ୍ର ବିଭାଗ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶନାମା ପ୍ରତି ଠିକାଦାର ଦୃଷ୍ଟି ଦେଇ ନ ଥିବା ନେଇ ବାରିମୂଳର ପୂର୍ବତନ ସରପଞ୍ଚ ସୁଦ୍ଧଦେବ ବେହେରା ଗ୍ରାମ୍ୟ ଉନ୍ନୟନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବେହେରାଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ବର୍ଷେ ନ ପୂରୁଣୁ ବିଭିନ୍ନ ସ୍ଥାନରେ ଦବିଯିବା ସହ ଖାଲଖମାରେ ସୃଷ୍ଟି ହୋଇଛି। କାମ ସମୟରେ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ସଲାସୁତରା ପାଇଁ ଏହା ଅତ୍ୟନ୍ତ ନିମ୍ନମାନର ହୋଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ନହଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ରଶ୍ମିରଞ୍ଜନ ପଣ୍ଡା କହିଛନ୍ତି, ଏହି ରାସ୍ତାଟି ସମ୍ପୂର୍ଣ୍ଣ ନିମ୍ନମାନର କରାଯାଇଥିବାରୁ ଅଳ୍ପଦିନ ମଧ୍ୟରେ ରାସ୍ତାରେ ଖାଲଖମା ହୋଇଛି। ଏହି କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ପାଇଁ ସେ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରାଜେଶ ପ୍ରଧାନଙ୍କୁ ପଚାରିବାରେ ଏଭଳି ଅଭିଯୋଗ ତାଙ୍କ ପାଖରେ ନାହିଁ। ତଥାପି ଦିନେ ଦୁଇଦିନ ମଧ୍ୟରେ ସମ୍ପୃକ୍ତ ରାସ୍ତା ନିଜେ ତଦାରଖ କରିବା ପରେ ଯାହା କିଛି ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।


ରାସ୍ତାରେ ପିଚୁ ପାଟି ଗଲାଣି।

## ଧାନବିଲରେ ବଜ୍ରପାତରେ ଟଳି ପଡ଼ିଲେ ଚାଷୀ

ରାଜନଗର, ୮।୮ (ଭାସ୍କର ରାଉତରାୟ)

ଖରିଫ ଧାନଚାଷ ପାଇଁ ବିଲରେ ଟ୍ରାକ୍ଟର ସାହାଯ୍ୟରେ ହଳ କରୁଥିବା ବେଳେ ଚାଷୀ ଧାନ ବିଲରେ ବଜ୍ରପାତରେ ପ୍ରାଣ ହରାଇଛନ୍ତି। ରାଜନଗର ବ୍ଲକ କୁରୁଣ୍ଟି ପଂଚାୟତ ପଶ୍ଚିମଭେଡା ଗ୍ରାମର ରବୀନ୍ଦ୍ର କୁମାର ଧଳ ନିଜ ବିଲରେ ଟ୍ରାକ୍ଟର ମାଧ୍ୟମରେ ହଳ କରୁଥିଲେ। ହଠାତ୍ ବଜ୍ରପାତ ଯୋଗୁ ବିଲରେ ମୃତ୍ୟୁ ଘଟିଛି। ରବୀନ୍ଦ୍ର ମଙ୍ଗଳବାର ମଧ୍ୟାହ୍ନରେ ଖାଇ ସାରିବା ପରେ ଘର ଠାରୁ ୧ କିମି ଦୂରରେ ଥିବା ନିଜ ଧାନ ବିଲରେ ପହଞ୍ଚି ଥିଲେ। ଟ୍ରାକ୍ଟର ପହଞ୍ଚି ସେଠାରେ ବିଲରେ ହଳ କରୁଥିଲା। ଅପରାହ୍ନ ପ୍ରାୟ ୪ ଟାରେ ହଠାତ୍ କଳା ହାଣ୍ଡିଆ ମେଘ ଘୋଟି ଆସିବା ସହ ବଜ୍ରପାତ ହୋଇଥିଲା। ରବୀନ୍ଦ୍ରଙ୍କ ଉପରେ ବଜ୍ରପାତ ଯୋଗୁ ସେ ବିଲରେ ହିଁ ଟଳି ପଡ଼ିଥିଲେ। ଟ୍ରାକ୍ଟର ଡ୍ରାଇଭର ଓ ପାଖ ବିଲରେ କାମ କରୁଥିବା ଚାଷୀମାନେ ରବୀନ୍ଦ୍ରଙ୍କୁ ସଙ୍ଗେ ସଙ୍ଗେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବୀନ୍ଦ୍ରଙ୍କ ମୃତ୍ୟୁ ଖବର ଅଞ୍ଚଳରେ ଶୋକାକୂଳ ପରିସ୍ଥିତି ସୃଷ୍ଟି କରିଛି।

## ରାଜ୍ୟ, ଦେଶର ଶିକ୍ଷାମାରଣ ନୀତିକୁ ସମାଲୋଚନା

### ରାଜକନିକା ଓଷ୍ଟା ପକ୍ଷରୁ ବ୍ଲକ କନଭେନଶନ

କେନ୍ଦ୍ରାପଡ଼ା, ୮।୮(ଜଗନ୍ନାଥ ଧଳ)

ରାଜ୍ୟର ସର୍ବ ବୃହତ ଶିକ୍ଷା ସଙ୍ଗଠନ ଓଷ୍ଟା ପକ୍ଷରୁ କେନ୍ଦ୍ରାପଡ଼ା ଜିଲା କନିକା ବ୍ଲକସ୍ତରୀୟ କନଭେନଶନ ସ୍ଥାନୀୟ ଅଯୋଧ୍ୟା ବିଦ୍ୟାପୀଠ, ବାଂଶରିଆଠାରେ ଅନୁଷ୍ଠିତ ହୋଇଯାଇଛି। ସଞ୍ଜୟ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମହେଶ୍ୱର ରାଉତ, ମୁଖ୍ୟବକ୍ତା ବିଜୟ କୁମାର ଦାସ, ଉଦ୍‌ଘାଟକ କାଳିପ୍ରସାଦ ନାୟକ, ସମ୍ମାନୀୟ ଅତିଥି ଭାବେ ଗୋକୁଳ ଚନ୍ଦ୍ର ରାଉତ, ବାବାଜୀ ଚରଣ ଦାସ, ନବକିଶୋର ସୁତାର, ଦୟାନିଧି ନାୟକ, ବଟକୃଷ୍ଣ ପଣ୍ଡା ଉପସ୍ଥିତ ଥିଲେ। ବିଭିନ୍ନ ବ୍ଲକରୁ ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ ସୁଶାନ୍ତ କର, ରୀନାରାଣୀ ରାଉତ, ଦିଲୀପ କୁମାର ରାଉତ, ପୀତବାସ ପଣ୍ଡା, ଚିତ୍ତରଞ୍ଜନ କବି ପ୍ରମୁଖ ଯୋଗଦେଇ ରାଜ୍ୟ ଓ ଦେଶର ଶିକ୍ଷାମାରଣ ନୀତିକୁ ସମାଲୋଚନା କରିଥିଲେ। ବ୍ଲକ ସମ୍ପାଦକ ଅରବିନ୍ଦ ନାୟକ ବୁଧବାର ଜିଲା ଏବଂ ୧୬, ୧୭ ଓ ୧୮ରେ ରାଜ୍ୟସ୍ତରରେ ଶିକ୍ଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କରାଯିବାକୁ ଥିବା ରାଜ୍ୟସ୍ତରୀୟ ଆନ୍ଦୋଳନକୁ ସଫଳ କରାଯିବା ନେଇ ସଭାରେ ସୂଚନା ଦେଇଥିଲେ। ଶିକ୍ଷକଙ୍କ ସମସ୍ୟା ଭିତ୍ତିକ ଆଲୋଚନାରେ ରତିକାନ୍ତ ଦାସ, ସୁରେନ୍ଦ୍ର ରାଉତ, ତପନ ଦାସ, ନିରୋଦ ରାଉତ, ଶୁକଦେବ ପ୍ରଧାନ ନିଜ ନିଜର ମତ ରଖିଥିଲେ। ଆଗାମୀ ଦିନରେ ସମସ୍ତ ସମସ୍ୟାର ସମାଧାନ ନ ହେଲେ ସରକାରଙ୍କୁ ନିର୍ବାଚନରେ ଫଳ ଭୋଗିବାକୁ ପଡ଼ିବ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଶେଷରେ ସଙ୍ଗଠନ ଯୁଗ୍ମ ସମ୍ପାଦକ ପ୍ରଭାତ ବାରିକ ଧନ୍ୟବାଦ ଦେଇଥିଲେ।

# ଡାକ୍ତର ପଦବୀ ପୂରଣ ଦାବିରେ ଭାଜପାର ବିକ୍ଷୋଭ



ଡାକ୍ତର ନିଯୁକ୍ତି ଦାବିରେ ଲୋକେ ସିଡିଏମ୍‌ଓ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି।

କେନ୍ଦ୍ରାପଡ଼ା, ୮।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ସିଏସିରେ ଆବଶ୍ୟକ ୧୦ ଡାକ୍ତର ନାହାନ୍ତି। ଏହି ପଦବୀ ପୂରଣ ଦାବିରେ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶିତ ହୋଇଛି। ଏଥିସହ ବରିଷ୍ଠ ନେତା ତେଜେଶ୍ୱର ପରିଡାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ଉଚ୍ଚ ପଦବୀଧାରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ସିଡିଏମ୍‌ଓଙ୍କୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ବରିଷ୍ଠ ନେତା ପରିଡା କହିଛନ୍ତି, ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ଦାୟିତ୍ୱ ମୁଖ୍ୟମନ୍ତ୍ରୀ ନେଇଥିବା ବେଳେ ଏହି ନିର୍ବାଚନ ପ୍ରତିଶ୍ରୁତି ଅଦ୍ୟାବଧି ପାଳନ ହୋଇନାହିଁ। ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ସିଏଚସିର ପରିଚାଳନା ଡାକ୍ତର ପଦବୀ ପୂରଣ ହୋଇ ନ ଥିବାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପ୍ରତିବର୍ଷ ସିଏଚସି ମରାମତି ବାବଦ ଅର୍ଥ ଖର୍ଚ୍ଚ ହେଉଛି। ତେବେ ଅତ୍ୟାବଶ୍ୟକ ସ୍ତ୍ରୀ ରୋଗ ବିଶେଷଜ୍ଞ, ଶିଶୁ ରୋଗ, ଭେଷଜ, ଶଲ୍ୟ ବିଶେଷଜ୍ଞ ପ୍ରମୁଖ ୧୦ ଡାକ୍ତର ପଦବୀ ପୂରଣ ହୋଇନାହିଁ। ଫଳରେ ଡେରାବିଶର ୨୬ ପଞ୍ଚାୟତବାସୀ ଚିକିତ୍ସା ବ୍ୟବସ୍ଥା ବହୁ ଭାବରେ ପ୍ରଭାବିତ ହୋଇଛି। ବିଶେଷ କରି ଜାତୀୟ ଓ ରାଜ୍ୟ ରାଜପଥ ଏହି ଅଞ୍ଚଳ ମଧ ଦେଇ ଯାଇଥିବାରୁ ଦୁର୍ଘଟଣାଗ୍ରସ୍ତ ଯାତ୍ରୀଙ୍କ ପାଇଁ ଆଶୁ ଚିକିତ୍ସା ସମ୍ଭବ ହେଉନାହିଁ। ଆସନ୍ତା ୭ ଦିନ ମଧ୍ୟରେ ଡାକ୍ତର ପଦବୀ ପୂରଣ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ବରିଷ୍ଠ ନେତା ପରିଡା ସୂଚନା ଦେଇଛନ୍ତି। ଏହି ବିକ୍ଷୋଭରେ ଡେରାବିଶ ବ୍ଲକ ଅଞ୍ଚଳର ବହୁ ଭାଜପା କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଗୋବରୀ ନଦୀକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

### ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଦ୍ୱାରା ଉଦ୍ଧାର

ଡେରାବିଶ,୮।୮ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଡେରାବିଶ ବ୍ଲକ କୁଶିଆପାଳ ଗ୍ରାମ ଦେଇ ଯାଇଥିବା ଗୋବରୀ ନଦୀର କୁଶିଆପାଳ-ରାୟପୁର ସେତୁ ଉପରୁ ସୋମବାର ସନ୍ଧ୍ୟାରେ ଜଣେ ଯୁବକ ନଦୀ ଭିତରକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଯୁବକ ଜଣକ ହେଲେ କେନ୍ଦ୍ରାପଡ଼ା ବ୍ଲକ ଜମଧର ପଞ୍ଚାୟତ କଣ୍ଡାପଡ଼ା ଗ୍ରାମର ସଞ୍ଜୟ ସ୍ୱାଇଁ (୩୫)। ତେବେ ସେଠାରେ ଉପସ୍ଥିତ ଥିବା ଲୋକ ଏହା ଦେଖି କେନ୍ଦ୍ରାପଡ଼ା ଓ ଡେରାବିଶ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନଦୀକୁ ଡେଇଁ ପଡ଼ିଥିବା ଯୁବକଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। ଗଭୀର ନଦୀ ଓ ପ୍ରଖର ସ୍ରୋତ ଥିବାରୁ ଯୁବକ ଭାସି ବହୁ ତଳକୁ ପଳାଇ ଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ବହୁ ଖୋଜାଖୋଜି ପରେ ଭାସି ଯାଇଥିବା ଯୁବକ ଜଣକ ଏକ ବଡ଼ଗଛ ନିକଟରେ ଅଟକି ଥିବା ଦେଖି ତାଙ୍କୁ ଉଦ୍ଧାର କରିଥିଲେ। ପରେ ଗୁରୁତର ଅବସ୍ଥାରେ ଥିବା ସଞ୍ଜୟଙ୍କୁ ତାଙ୍କ ପରିବାର ଲୋକେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠା ଯାଇଥିବା କୁଶିଆପାଳ ସରପଞ୍ଚ ଦୟାନିଧି ଦାସ ସୂଚନା ଦେଇଛନ୍ତି। କାହିଁକି ଓ କେଉଁ ପରିସ୍ଥିତିରେ ସଞ୍ଜୟ ନଦୀକୁ ଯାଇଥିଲେ ତା'ର କାରଣ ଅସ୍ପଷ୍ଟ ଥିବା ବେଳେ ସଞ୍ଜୟ ତାଙ୍କ ଶ୍ୱଶୁର ଘର ନହଙ୍ଗ ପଞ୍ଚାୟତ ସନ୍ଥପୁରା ଗାଁରେ ରହୁଥିଲେ। ପାରିବାରିକ କଳହରୁ ସେ ଏଭଳି ନିଷ୍ପତ୍ତି ନେଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ଗଛ ଲଗାଅ, କାଟିଲେ କ୍ଷତି

## ପରିବେଶ ସଚେତନତା କାର୍ଯ୍ୟକ୍ରମ



ପରିବେଶ ସଚେତନତା ଶିବିରରେ ଉପସ୍ଥିତ ଅତିଥିମାନେ।

ତିର୍ତ୍ତୋଲ, ୮।୮(ଗୌରାଙ୍ଗ ଚରଣ ସ୍ୱାଇଁ)

ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ସ୍ମୃତି ବହନ କରୁଥିବା ତିର୍ତ୍ତୋଲ ଥାନା ପଣ୍ଡୁଆ, ବାଲିସାହି ଗ୍ରାମରେ ବାଲିଘର ଫାଉଣ୍ଡେଶନ ପକ୍ଷରୁ ଏକ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିବେଶ ସଚେତନତା ଶିବିର ଫାଉଣ୍ଡେଶନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିଲା। ଏଥିରେ ବରିଷ୍ଠ ଶିକ୍ଷାବିତ୍ ପଣ୍ଡିତ ନାଗମଣି କର ସଭାପତିତ୍ୱ କରିଥିଲେ। ଶିବିରରେ ବୃକ୍ଷ ହିଁ ଜୀବନ ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ଏହି ଅବସରରେ ଅତିଥିମାନେ କହିଥିଲେ, ଗଛ କାଟିବା ଦ୍ୱାରା ଆମ ପରିବେଶର ଅନେକ କ୍ଷତି ହେଉଛି। ଏହା ଜାଣି ସୁଦ୍ଧା ସମସ୍ତେ ନୀରବ ରହୁଛନ୍ତି। ଏହା ବିରୋଧରେ ସ୍ୱର ଉତ୍ତୋଳନ ସହ ଅଧିକ ଗଛ ଲଗାଇବା ନିମନ୍ତେ ସଚେତନତାର ଆବଶ୍ୟକ ରହିଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଯୁଧିଷ୍ଠିର ଯୋଗାଣିଆ, ସାମାଜିକ କର୍ମୀ ନିକୁଞ୍ଜ କିଶୋର ଦାସ, ଅବସରପ୍ରାପ୍ତ ଶିକ୍ଷକ ନିମାଇଁ ଚରଣ ସ୍ୱାଇଁ, ଓଡ଼ିଶା ଜର୍ନାଲିଷ୍ଟ ୟୁନିୟନର ଜିଲା ଉପସଭାପତି ଗୌରାଙ୍ଗ ସ୍ୱାଇଁ, ଯୁବ ସାମାଜିକ କର୍ମୀ ଲଲାଟେନ୍ଦୁ ଯୋଗାଣିଆ ପ୍ରମୁଖ ଯୋଗଦେଇ ଜଳବାୟୁ ପରିବର୍ତ୍ତନ, ପାଣିପାଗର ଅନିୟମିତତା ଓ ଋତୁଚକ୍ରର ଅସନ୍ତୁଳନ ଯୋଗୁ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାପରେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ଗ୍ରାମର ଗଜେନ୍ଦ୍ର ଶଗଡିଆ, ମନ୍ମଥ କୁମାର ଯୋଗାଣିଆ, ବିସ୍ମୟ ଯୋଗାଣିଆ, ସୁବାସ ଚନ୍ଦ୍ର ସାହୁ, ଧୀରେନ୍ଦ୍ର ଯୋଗାଣିଆ, ପ୍ରତ୍ୟୁଷା ଯୋଗାଣିଆ, ନୃସିଂହ ଛାଟୋଇ, କୁନି ସାହୁ, ପ୍ରକାଶ ବିଶ୍ୱାଳ, ଶିତିକଣ୍ଠ ଯୋଗାଣିଆଙ୍କ ସମେତ ଗ୍ରାମ ମୁରବି, ଯୁବକ ଓ ସ୍କୁଲ ଛାତ୍ରୀଛାତ୍ର ଯୋଗଦେଇ ଚାରାରୋପଣ କରିଥିଲେ।

# ରାଜନଗରରେ ବ୍ଲକସ୍ତରୀୟ ନିଯୁକ୍ତିମେଳା

ରାଜନଗର, ୮।୮ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଓଡ଼ିଶା ଜୀବିକା ମିଶନ ସହଯୋଗରେ ବ୍ଲକସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ନିଯୁକ୍ତି ମେଳାକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ଜିଲା କର୍ମ ନିୟୋଜନ ଅଧିକାରୀ ଘନଶ୍ୟାମ ସା, ବିଡିଓ ନିଶାନ ମିଶ୍ର ଯୋଗଦେଇ ପାଠପଢ଼ା ପରେ କର୍ମନିଯୁକ୍ତି ଯୁବପିଢ଼ି ପାଇଁ କେଉଁଠି ଶିକ୍ଷା ମୁତାବକ ଚାକିରି ମିଳେନି ତ ଆଉ କେଉଁଠି ଚାକିରି ଅନୁଯାୟୀ ଶିକ୍ଷାରୁ ବଞ୍ଚିତ ହେବାକୁ ପଡିଥାଏ। ମାତ୍ର ଏହି ନିଯୁକ୍ତି ମେଳାରେ ପ୍ରଶିକ୍ଷଣ ଶେଷ ହେବା ପରେ ହିଁ ନିଯୁକ୍ତି ମିଳିଥାଏ ବୋଲି କହିଥିଲେ। ଓଡ଼ିଶା ଜୀବିକା ମିଶନର ବ୍ଲକ ସଂଯୋଜକ ରଶ୍ମୀ ରଞ୍ଜନ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୫୦୯ଜଣ ବେରୋଜଗାରୀ ଯୁବତୀଯୁବକ ଉପସ୍ଥିତ ହୋଇ ନାମ ପଞ୍ଜୀକରଣ ସହ ବିଭିନ୍ନ ରୋଜଗାର ପ୍ରଦାନକାରୀ ସଂସ୍ଥା ସହ ଅନୁବନ୍ଧିତ ହୋଇଥିଲେ। ସେଥିମଧ୍ୟରୁ ୪୮୯ଜଣ ପ୍ରଶିକ୍ଷଣ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଗ୍ରାମ ତରଙ୍ଗ, ସିପେଟ, ସାଇ ଏକ୍ସପୋର୍ଟ ଭଳି ନାମୀଦାମୀ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଏଥିରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜୀବିକା ମିଶନର ନିହାର ରଞ୍ଜନ ବିଶ୍ୱାଳ, ଅଜିତ କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ରାଜକନିକା ପ୍ରିମିୟର ଫୁଟ୍‌ବଲ ଲିଗ୍ ଆରମ୍ଭ

## କନିକା ୱାରିୟର୍ସ ବିଜୟୀ

କେନ୍ଦ୍ରାପଡ଼ା, ୮।୮(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର କ୍ରିଡ଼ା ଅନୁଷ୍ଠାନ କରିଥିବା ରାଜକନିକା ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ପ୍ରିମିୟର ଫୁଟବଲ ଲିଗ୍ ସ୍ଥାନୀୟ ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମଠାରେ ମଙ୍ଗଳବାର ଆରମ୍ଭ ହୋଇଛି। ଏହି ଲିଗରେ ନାରାୟଣ ଫୁଟବଲ କ୍ଲବ, କନିକା ୱାରିୟର୍ସ, ଏଏସ୍‌ଏମ୍ ଫୁଟବଲ କ୍ଲବ, ଅର୍ବାନ ଫୁଟବଲ କ୍ଲବ, କନିକା ୟୁନାଇଟେଡ୍ ଫୁଟବଲ କ୍ଲବ ଏବଂ କନିକା ଟାଇଟାନିକ୍ସ ଫୁଟବଲ କ୍ଲବକୁ ମିଶାଇ ୬ଟି ଦଳ ଭାଗ ନେଇଛନ୍ତି। ଅଗଷ୍ଟ ୮ରୁ ଆରମ୍ଭ ହୋଇଥିବା ଏହି ଲିଗରେ ୧୯ଟି ମ୍ୟାଚ ଅନୁଷ୍ଠିତ ହୋଇ ୨୯ ତାରିଖ ବିଶ୍ୱ କ୍ରିଡ଼ା ଦିବସରେ ଶେଷ ହେବାକୁ ସ୍ଥିର କରାଯାଇଛି। ମଙ୍ଗଳବାର ଉଦ୍‌ଘାଟନୀ ମ୍ୟାଚରେ ନାରାୟଣ ଫୁଟବଲ କ୍ଲବ ବନାମ କନିକା ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ କନିକା ୱାରିୟର୍ସ ୨-୧ ଗୋଲ ବ୍ୟବଧାନରେ ବିପକ୍ଷ ନାରାୟଣ ଫୁଟବଲ କ୍ଲବକୁ ହରାଇ ଦ୍ୱିତୀୟ ମ୍ୟାଚ ଖେଳିବାକୁ ବିବେଚିତ ହୋଇଛି। ଟିମର ୯ନମ୍ବର ଖେଳାଳି ଏସ.କେ.ଅରମାନ୍ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିବେଚିତ ହୋଇଛନ୍ତି। ଉଦଘାଟନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ କନିକା ତହସିଲଦାର ଅଶୋକ କୁମାର ଦେହୁରୀ ଯୋଗଦେଇଥିବା ବେଳେ, ସ୍ୱତନ୍ତ୍ର ଅତିଥି ଭାବେ ରାଜକନିକା ଥାନା ଆଇଆଇସି ଦିଲୀପ କୁମାର ଧଳ, ସମ୍ମାନୀତ ଅତିଥି ଭାବେ ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ଦଳାଇ ଯୋଗଦେଇ ବିଜୟୀ ଟିମ୍ ଓ ମ୍ୟାନ ଅଫ୍ ଦି ମ୍ୟାଚଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଆସୋସିଏଶନ ପକ୍ଷରୁ ସଭାପତି ତଥା ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ଉପସଭାପତି ତଥା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ସମ୍ପାଦକ ପ୍ରାଣବନ୍ଧୁ ରାଉତ, ଯୁଗ୍ମ ସମ୍ପାଦକ ଡ. ଫକୀର ଚରଣ ପ୍ରଧାନ, ମିଡିଆ ସେଲ ସମ୍ପାଦକ ଅଜୟ କୁମାର ରାଉତ, କୋଷାଧ୍ୟକ୍ଷ ଦେବେନ୍ଦ୍ର ନାୟକ ଓ ଉପଦେଷ୍ଟା କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚ ରେଫ୍ରି ଭାବେ ଅରୁଣ କୁମାର ବାରିକ, ଶରତ କୁମାର ଜେନା, ଅମର କୁମାର ଜେନା, ପ୍ରଶାନ୍ତ କୁମାର ସେନାପତି ପ୍ରମୁଖ ପରିଚାଳନା କରିଥିବା ବେଳେ, ମ୍ୟାଚ କମିଶନର ଭାବେ ଗୋଲକ ବିହାରୀ ମଲ୍ଲିକ ଥିଲେ। ବୁଧବାର ମ୍ୟାଚ ଏଏସ୍‌ଏମ୍ ଫୁଟବଲ କ୍ଲବ ବନାମ ଅର୍ବାନ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।


ଅତିଥିଙ୍କ ଗହଣରେ ୨ଦଳର ଖେଳାଳିମାନେ।

# ମିଶନ ଶକ୍ତି ଫେଡେରେଶନ ଦେଢ଼ ଲକ୍ଷ ତ୍ରିରଙ୍ଗା ଯୋଗାଇବ

- ଅଗଷ୍ଟ ୧୩ରୁ ୧୫ ପର୍ଯ୍ୟନ୍ତ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ
- ଜିଲାରେ ଆଜାଦୀ କା ଅମୃତ ମହୋତ୍ସବ ନେଇ ପ୍ରସ୍ତୁତି

ଜଗତସିଂହପୁର,୮।୮(ପ୍ରମୋଦ କୁମାର ନାୟକ)

ଅଗଷ୍ଟ ୧୩ରୁ ୧୫ ପର୍ଯ୍ୟନ୍ତ ଜିଲାର ଘରେ ଘରେ ତ୍ରିରଙ୍ଗା ପତାକା ଉଡ଼ାଯିବା ପାଇଁ ବ୍ୟବସ୍ଥା ହେଉଛି। ମିଶନ ଶକ୍ତି ବିଭାଗର ବ୍ଲକସ୍ତରୀୟ ଫେଡେରେଶନଗୁଡ଼ିକ ଦେଢ ଲକ୍ଷ ତ୍ରିରଙ୍ଗା ଯୋଗାଇବେ। ପତାକା ପ୍ରସ୍ତୁତ ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ, ପୌର ପରିଷଦ ନିର୍ବାହୀ ଅଧିକାରୀମାନେ ଏହାକୁ ମାଗଣାରେ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ବ୍ୟବସ୍ଥା କରିବେ। ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ସ୍ୱାଧୀନତାର ୭୬ବର୍ଷ ପୂର୍ତ୍ତି ଏବଂ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯିବ। ଏହି ଅବସରରେ ଜିଲାରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିରେ ଜିଲାପାଳ ପାରୁଲ ପଟାୱାରି ପୌରୋହିତ୍ୟ କରି କହିଥିଲେ, ପ୍ରତ୍ୟେକ ଲୋକ ସେମାନଙ୍କ ଘରେ ଯେପରି ଜାତୀୟ ପତାକା ସମ୍ମାନର ସହ ଉଡାଇବେ ସେଥିପ୍ରତି ଦାୟିତ୍ୱବାନ ହେବେ। ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, ମହାବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ଆଦିରେ ତ୍ରିରଙ୍ଗା ପତାକା ଉଡ଼ିବ। ଅଗଷ୍ଟ ୧୨ରୁ ଏହି ପତାକା ବଣ୍ଟନ କାର୍ଯ୍ୟ ଆରମ୍ଭ ହେବ। ଏହି ଅବସରରେ ଅଗଷ୍ଟ ୧୫ରେ ମଧୁବାବୁ ପେନ୍‌ସନ୍ ପ୍ରଦାନ ପାଇଁ କୁହାଯାଇଥିଲା। ରାଜ୍ୟ ସରକାର ଜଗତ୍‌ସିଂହପୁର ଜିଲା ପାଇଁ ଅତିରିକ୍ତ ୧୭,୪୭୮ ମଧୁବାବୁ ପେନସନ୍ ଅନୁମୋଦନ କରିଥିବାରୁ ତାହା କିପରି ସୁରୁଖୁରୁରେ ଉପଯୁକ୍ତ ଲୋକଙ୍କ ପାଖରେ ପହଞ୍ଚିବ ସେନେଇ ଆଲୋଚନା ହୋଇଥିଲା । ବ୍ଲକସ୍ତରରେ ବିଡିଓମାନେ ଏ ସମ୍ପର୍କରେ ଜନସାଧାରଣଙ୍କୁ ମାଇକ, ଫ୍ଲେକ୍ସ, ବ୍ୟାନର ମାଧ୍ୟମରେ ପଞ୍ଚାୟତଗୁଡ଼ିକରେ ସଚେତନ କରାଇବେ । ସେହିପରି ଅଗଷ୍ଟ ୧୫ ସୁଦ୍ଧା ମିଶନ ଶକ୍ତି ମା', ଭଉଣୀମାନଙ୍କୁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ସ୍କୁଟି ଯୋଗାଇ ଦେବାର ଲକ୍ଷ୍ୟ ରହିଛି। ଏଥିସହ ଜିଲାରେ ବ୍ୟାପକ ଚାରାରୋପଣ କରାଯିବା ଉପରେ ଆଲୋଚନା ହୋଇଥିଲା। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ଜଗତ୍‌ସିଂହପୁର ବନାଞ୍ଚଳ ମଧ୍ୟରେ ୧୩ଟି ଚାରା ଉତ୍ପାଦନ କେନ୍ଦ୍ର କାର୍ଯ୍ୟ କରୁଛି । ମହାତ୍ମା ଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନାରେ ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ୧୦ଟି ଏବଂ ସହରାଞ୍ଚଳ ଲୋକଙ୍କ ପାଇଁ ୫ଟି ଚାରା ବିନା ମୂଲ୍ୟରେ ଯୋଗାଇ ଦିଆଯିବା ନିମନ୍ତେ ବ୍ୟବସ୍ଥା କରାଯିବ । ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ କେନ୍ଦ୍ର ସରକାରଙ୍କ 'ମେରି ମିଟି, ମେରା ଦେଶ' କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଆଲୋଚନା ହୋଇଥିଲା । ଏହି ପରିପ୍ରେକ୍ଷୀରେ ମାଟିକୁ ସମ୍ମାନ ଓ ବୀରଙ୍କୁ ବନ୍ଦନା କ୍ଷେତ୍ରରେ ପଞ୍ଚସ୍ତରୀୟ ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା ।


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ୬ ଫୁଟ ଉପରକୁ ଉଠିବ ୨୫୦ ବର୍ଷର ଜଗନ୍ନାଥ ମନ୍ଦିର

ଗଞ୍ଜାମ(ବିଦ୍ୟାଧର ସାହୁ)/ ରମ୍ଭା (ବନବାସୀ ସେଠୀ) ୮।୮

ଅତ୍ୟାଧୁନିକ ପଦ୍ଧତିରେ ୬ ଫୁଟ ଉପରକୁ ଉଠିବ ବହୁ ପୁରାତନ ତଥା ୨୫୦ ବର୍ଷର ଜଗନ୍ନାଥ ମନ୍ଦିର । ଗଞ୍ଜାମ ଜିଲାର ରମ୍ଭାରେ ରହିଛି ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ବର୍ଷର ପୁରାତନ ଜଗନ୍ନାଥ ମନ୍ଦିର। ଗାଁ ରାସ୍ତା ଦିନକୁ ଦିନ ମରାମତି କରାଯିବା ଫଳରେ ରାସ୍ତା ଉଚ୍ଚତା ବୃଦ୍ଧି ପାଉଛି। ଫଳରେ ଜଗନ୍ନାଥ ମନ୍ଦିରର ଚଟାଣ ସହ ଗାଁର ରାସ୍ତା ଏକ ପ୍ରକାରର ସମାନ ହୋଇଗଲାଣି। ଫଳରେ ଆଗାମୀ ଦିନରେ ବର୍ଷା ପାଣି ମନ୍ଦିରରେ ପ୍ରବେଶ କରିବା ଏକ ପ୍ରକାରର ସୁନିଶ୍ଚିତ। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଗ୍ରାମବାସୀ ଓ ମନ୍ଦିର କମିଟି ଜରୁରୀ ବୈଠକ କରି ମନ୍ଦିରକୁ ଆଉ ୬ ଫୁଟ ଉଚ୍ଚତା କରିବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି। ମନ୍ଦିର ଉପରକୁ ଉଠାଇବା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଜଗନ୍ନାଥଙ୍କ ବିଗ୍ରହକୁ ମନ୍ଦିରକୁ ଲାଗି ରହିଥିବା ରଘୁନାଥ ମନ୍ଦିରରେ ଅସ୍ଥାୟୀ ରୂପେ ସ୍ଥାପନ କରାଯାଇଛି। ପୂର୍ବ ରୀତିନୀତି ଅନୁସାରେ ରଘୁନାଥ ମନ୍ଦିରରେ ମଧ୍ୟ ଜଗନ୍ନାଥଙ୍କ ପୂଜାର୍ଚ୍ଚନା ଜାରୀ ରହିଛି। ମନ୍ଦିର ଉପରକୁ ଉଠା କାର୍ଯ୍ୟ ଶେଷ ହେବା ପରେ ୨୨ ପାହାଚ, ମଣ୍ଡପ, ଅରୁଣ ସ୍ତମ୍ଭ ନିର୍ମାଣ କରାଯିବା ସହିତ ମନ୍ଦିର ପୁନର୍ବାର ପ୍ରତିଷ୍ଠା ହେବ ବୋଲି କହିଛନ୍ତି ମନ୍ଦିର କମିଟିର ସଦସ୍ୟ। ମନ୍ଦିର ଉପରକୁ ଉଠାଇବା କାର୍ଯ୍ୟ ନିମନ୍ତେ ହରିୟାଣାର ‘ଟିଡ଼ିବିଡ଼ି’ ନାମକ ଏକ କମ୍ପାନୀର କର୍ମଚାରୀମାନେ ଗାଁରେ ପହଞ୍ଚିଛନ୍ତି। କମ୍ପାନୀର ୮ଜଣ କର୍ମଚାରୀମାନେ ଏହି ମନ୍ଦିର ଉଠା କାର୍ଯ୍ୟରେ ଲାଗିପଡ଼ିଛନ୍ତି। ମନ୍ଦିରକୁ ୩ ମାସ ମଧ୍ୟରେ ୬ ଫୁଟ ଉଚ୍ଚତାରେ ଉପରକୁ ଉଠାଯିବ। ମୋଟ ୪୦୦ ଜଗ ମନ୍ଦିରକୁ ଉପରକୁ ଉଠାଇବା ନିମନ୍ତେ ବ୍ୟବହାର କରାଯାଉଛି। ଆସନ୍ତା ୩ ମାସ ମଧ୍ୟରେ ମନ୍ଦିର ୬ ଫୁଟ ଉପରକୁ ଉଠାଯିବା କାର୍ଯ୍ୟ ଶେଷ କରିବା ନିମନ୍ତେ କମ୍ପାନୀ ଲକ୍ଷ୍ୟ ରଖିଥିବା ବେଳେ ମନ୍ଦିର ଉଠା କାର୍ଯ୍ୟ ସାଙ୍ଗକୁ ଏହାର ଅନ୍ୟ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିବା ନିମନ୍ତେ ମନ୍ଦିର କମିଟି ଓ ଗ୍ରାମବାସୀମାନେ ପ୍ରସ୍ତୁତ ହୋଇଛନ୍ତି।


ଜଗନ୍ନାଥ ମନ୍ଦିର

## ସଂକ୍ଷେପରେ

### ମା’ ରତନେଶ୍ୱରୀ ମନ୍ଦିରରୁ ଅଳଙ୍କାର ଚୋରି



ଚିକିଟି,୮।୮(ପ୍ରକାଶ ଚନ୍ଦ୍ର ସାହୁ)

ବ୍ରହ୍ମପୁର ପୋଲିସ ଜିଲା ଅନ୍ତର୍ଗତ କେ ନୂଆଗାଁ ଥାନାଠାରୁ ପ୍ରାୟ ଦେଢ଼କିମି ଦୂର ମା ରତନେଶ୍ୱରୀ ମନ୍ଦିରରୁ ସୋମବାର ମଧ୍ୟରାତ୍ରିରେ କେହି ଦୁର୍ବୃତ୍ତ ଅଳଙ୍କାର ଚୋରିକରି ଫେରାର ହୋଇଯାଇଛନ୍ତି। ମା ରତନେଶ୍ୱରୀ ମନ୍ଦିରରେ ପୂଜକ ନିରଞ୍ଜନ ପାଣିଗ୍ରାହୀ ପ୍ରତିଦିନ ଭଳି ସୋମବାର ପୂଜାସାରି ଘରକୁ ଚାଲିଯାଇଥିଲେ। ମଙ୍ଗଳବାର ସକାଳେ ପୂଜା କରିବା ପାଇଁ ମନ୍ଦିରକୁ ଆସିବା ସମୟରେ ହଠାତ ମନ୍ଦିରର ଫାଟକର ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ମନ୍ଦିର ଭିତରେ ଥିବା ହୁଣ୍ଡିରେ ଦୀର୍ଘ ତିନିମାସରେ ଭକ୍ତମାନେ ଦାନ କରିଥିବା ଟଙ୍କା ଏବଂ ମାଙ୍କ ବେକରେ ଥିବା ରୁପାର ମାଳି, ସୁନାର ଦୁଇଟି ଆଖି ଚୋରି କରି ଫେରାର ହୋଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ପୂଜକ ନିରଞ୍ଜନ ପାଣିଗ୍ରାହୀ କେ.ନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ କେ.ନୂଆଗାଁ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାପଡିଛି।

### ଅଡାସରୁ ପାହାଡ଼ରୁ ମହିଳାଙ୍କ କଙ୍କାଳ ଜବତ

ଫିରିଙ୍ଗିଆ,୮।୮(ବିକ୍ରମ ଦିଗାଲ)

ଫିରିଙ୍ଗିଆ ଥାନା ଅଡାସରୁ ପାହାଡ଼ରୁ ମଙ୍ଗଳବାର ପୋଲିସ ଜଣେ ମହିଳାଙ୍କ ଗଳିତ କଙ୍କାଳ ଜବତ କରିଛି। ଗ୍ରାକି ରାହା ଗାଁ ର ଆଲୋକ ଦିଗାଲର ସ୍ତ୍ରୀ ଶାନ୍ତିଲତା ପରିବାରରେ କଳହ ଯୋଗୁ ଗତ ୨୪ ତାରିଖରେ ଘରୁ କେଉଁ ଆଡେ ଚାଲି ଯାଇଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି କରି ନ ମିଳିବାରୁ ମହିଳାଙ୍କ ପିତା ଉମା ଚରଣ ଦିଗାଲ ବାଲିଗୁଡା ଥାନା ଥାନାରେ ଅଭିଯୋଗ କରିଥିଲେ । ଏହି ଘଟଣାରେ ମହିଳାଙ୍କ ପରିବାର ତରଫରୁ ମଧ୍ୟ ଫିରିଙ୍ଗିଆ ଥାନାରେ ନିଖୋଜ ଏତଲା ଦିଆଯାଇଥିଲା । ସକାଳେ ମୃତ ମହିଳାଙ୍କ ଶାଶୁ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିବା ବେଳେ ଦୁର୍ଗନ୍ଧ ହେଉଥିବାରୁ ଭାଲିଆ ଗଛରେ ହାଡ଼ କଙ୍କାଳ ଝୁଲୁଥିବା ଦେଖିବା ପରିବାରକୁ ଜଣାଇଥିଲେ । ଫିରିଙ୍ଗିଆ ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ସହ ଟିମ ଓ ସାଇଣ୍ଟିଫିକ ଟିମ ପହଞ୍ଚି ଘଟଣାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଘଟଣାସ୍ଥଳରୁ ହାଡ଼ କଙ୍କାଳ ଜବତ କରିବା ସହ ଫିରିଙ୍ଗିଆ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ମୃତ ମହିଳାଙ୍କ ପିତା ଓ ପରିବାର ପହଞ୍ଚିବା ପଞ୍ଚାନାମା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯିବ ବୋଲି ସୂଚନା ମିଳିଛି।

### ଖ୍ରୀଷ୍ଟିୟାନ ସମାଜ ପକ୍ଷରୁ ଶୋଭାଯାତ୍ରା

ତୁମୁଡିବନ୍ଧ,୮।୮(ଦିପକ କୁମାର ପରାସେଠ)

ମଣିପୁର ସାମ୍ପ୍ରଦାୟିକ ହିଂସାକୁ ପ୍ରତିବାଦ କରି କନ୍ଧମାଳ ଜିଲା ତୁମୁଡିବନ୍ଧରେ ସୋମବାର ସକାଳେ ତୁମୁଡିବନ୍ଧ ବ୍ଲକ ଖ୍ରୀଷ୍ଟିୟାନ ସମାଜ ତରଫରୁ ଏକ ରାଲି କରାଯାଇଥିଲା। ୧୧ଟି ପଞ୍ଚାୟତର ପ୍ରାୟ ଦୁଇହଜାର ଲୋକ ବସଷ୍ଟାଣ୍ଡଠାରେ ଏକତ୍ର ହୋଇ ଶୋଭାଯାତ୍ରାରେ ବାହାରି ମଣିପୁର ସାମ୍ପ୍ରଦାୟିକ ହିଂସାକୁ ନିନ୍ଦା କରି ବିଭିନ୍ନ ସ୍ଲୋଗାନ ଦେଇ ବ୍ଲକ କାର୍ଯ୍ୟାଳୟକୁ ଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମଣିପୁର ହିଂସା ରୋକିବାରେ ରାଜ୍ୟ ଓ କେନ୍ଦ୍ର ସରକାର ବିଫଳ ହୋଇଛନ୍ତି ବୋଲି ଖ୍ରୀଷ୍ଟିୟାନ ସମାଜର ସଭାପତି ସୁଧାଂଶୁ ପରାସେଠ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଅରୁଣ କୁମାର ପରାସେଠ, କୋଷାଧ୍ୟକ୍ଷ ଜିତେନ୍ଦ୍ର ନାୟକ, ସମ୍ବରୁ ପରସେଟ, ନୂଆବାବୁ ନାୟକ, ସମୁଏଲ ପରସେଟ, ରବୀନ୍ଦ୍ର ମଣ୍ଡଳ, ଶରତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ପରିଦର୍ଶନ

ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ,୮।୮ (ଅରୁଣ ସାହୁ/ମନୋରଞ୍ଜନ ରଣା)

ଦାରିଙ୍ଗବାଡି ବ୍ଲକର ଦୁର୍ଗମ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ବିଭିନ୍ନ ଦୁର୍ଗମ ଗ୍ରାମକୁ ମଙ୍ଗଳବାର କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଗସ୍ତ କରି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଛନ୍ତି। ଜିଲାପାଳ ବିଶେଷ କରି ଶେଷ ପର୍ଯ୍ୟାୟରେ ହେବାକୁ ଥିବା ରୂପାନ୍ତର କାର୍ଯ୍ୟ ଦୁଇଟି କଲେଜ ତଥା ବ୍ରାହ୍ମଣୀଗାଁର ରଷିମାଳ ଜୁନିୟର ଓ ଡିଗ୍ରୀ କଲେଜର ରୂପାନ୍ତରଣ କାର୍ଯ୍ୟ ସମେତ କାଟିଙ୍ଗିଆ ଉଚ୍ଚ ବିଦ୍ୟାଳୟ, ମିଞ୍ଜାପଙ୍କା, ଉଲିପଦର ଗଦାପୁର ହାଇସ୍କୁଲ ଓ ସ୍ୱାସ୍ଥ୍ୟକେନ୍ଦ୍ର, ଶିକରମାହା ସ୍ୱାସ୍ଥ୍ୟକେନ୍ଦ୍ର ଇକୋରିଟ୍ରିଟ୍ ସାଇଡ୍, ଡ. ଆମ୍ବେଡକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାଲିଥିବା ରୂପାନ୍ତରଣ କାର୍ଯ୍ୟ ବୁଲିଦେଖିଥିଲେ। ଡିଗ୍ରୀ କଲେଜ ଓ ଜୁନିୟର କଲେଜରେ ରହିଥିବା ସମସ୍ୟା ସମ୍ପର୍କରେ ପଚାରିବୁଝିବା ସହ ଡିଗ୍ରୀ କଲେଜରେ ରହିଥିବା ମୌଳିକ ସୁବିଧାଗୁଡିକ ତଥା ଅବ୍ୟବସ୍ଥା ଘେରରେ ଥିବା ଶ୍ରେଣୀଗୃହ, ଛାତ୍ରୀଛାତ୍ରଙ୍କ ପାଇଁ ରହିଥିବା ଶୌଚାଳୟ, ଫ୍ୟାନ ମରାମତି ଆଦି ବିଭିନ୍ନ ସମସ୍ୟାର ଶୀଘ୍ର ସମାଧାନ କରିବାକୁ କଲେଜ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲାପାଳ ବିଡିଓ ଗଦାଧର ପାତ୍ରଙ୍କ ସହ ସମୀକ୍ଷା କରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ଦାରିଙ୍ଗବାଡି ବିଡିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶିଶିର କୁମାର ପାତ୍ର ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।


ଜିଲାପାଳ ବ୍ରାହ୍ମଣୀଗାଁ ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

## ପିଇଓଙ୍କ କଳାବ୍ୟାଜ୍ ପରିଧାନ

ଆର.ଉଦୟଗିରି (ମନୋଜ କୁମାର ପାଢୀ)/ ଚିକିଟି (ପ୍ରକାଶ ଚନ୍ଦ୍ର ସାହୁ), ୮।୮

ଗଜପତି ଜିଲା ଆର.ଉଦୟଗିରି ବ୍ଲକରେ ସୋମବାର ଠାରୁ କଳାବ୍ୟାଜ୍ ପରିଧାନ କରି ପିଇଓମାନେ କାର୍ଯ୍ୟରେ ଯୋଗଦେଇଛନ୍ତି। ୭ ତାଠାରୁ ୧୭ ତାରିଖ ଯାଏ ବ୍ଲକର କାର୍ଯ୍ୟରତ ସମସ୍ତ ପିଇଓ କଳାବ୍ୟାଜ୍ ପରିଧାନ କରି ନିଜ ନିଜର ପଞ୍ଚାୟତରେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଯଦି ସେମାନଙ୍କ ଦାବି ପୂରଣ ନ ହୁଏ ତେବେ ୧୮ ତାରିଖରୁ ସମସ୍ତେ ଛୁଟିରେ ରହି ଆନ୍ଦୋଳନ କରିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦେଇଛନ୍ତି। ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ଆର.ଉଦୟଗିରି ବ୍ଲକ ଶାଖା ପକ୍ଷରୁ ବିଭିନ୍ନ ଦାବି ଯଥା ଶିକ୍ଷାଗତ ଯୋଗ୍ୟତା +୨ ଓ +୩ କରିବା ଦରମା ୨୧, ୭୦୦ଟଙ୍କା ରୁ ୩୫, ୪୦୦ ଟଙ୍କା (ପେ ଲେବେଲ୍ ୯) ମଞ୍ଜୁର ପ୍ରଦାନ କରାଯାଉ, ୧୦ ବର୍ଷ ଚାକିରି କରୁଥିବା ପିଇଓଙ୍କୁ ଉଚ୍ଚ ପଦବୀକୁ ଦେବା, ଡିପିଡିଓ ପଦକୁ ୧୦୦% ପଦୋନ୍ନତିର ବ୍ୟବସ୍ଥା କରିବା, ଓପିଆର୍‌ଏସ୍ କ୍ୟାଡରରେ ଅନ୍ତର୍ଭୁକ୍ତ କରାଯାଉ ବୋଲି ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଲରିମନ ଖର୍ସେଲଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହା ପରେ ମଧ୍ୟ ସରକାର ଦାବି ପୂରଣ କରିନଥିବାରୁ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟରେ ଯୋଗ ଦେଇଥିବା ସଂଘ ପକ୍ଷରୁ କହିଛନ୍ତି।

ସେହିପରି ଗଞ୍ଜାମ ଜିଲା ଚିକିଟି ବ୍ଲକର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ସୋମବାର କଳାବ୍ୟାଜ ପରିଧାନ କରିଥିଲେ। ବି. ଦଣ୍ଡପାଣି ପାତ୍ର, ଜି. ବନମାଳୀ ରାଓ, ଦିପ୍ତିମୟୀ ଦାସ, ତ୍ରିପତି ଶେଖର ସାହୁ, ରମେଶ ବିଷୋୟୀ, ପ୍ରମୋଦ କୁମାର ପଣ୍ଡା, ରଶ୍ମିତା ନାୟକ, ଅମିତା ପାଇକ, ସଂଯୁକ୍ତା ଦାସ ଗାୟତ୍ରୀ ଦାସ, ପୁରୁଷୋତ୍ତମ ପ୍ରଧାନ, ଗଣେଶ ଗୌଡ଼, ମମିତ ଦଳେଇ ପ୍ରମୁଖ ସାମିଲ ହୋଇଥିଲେ।

## ପ୍ରତି ପଞ୍ଚାୟତରେ ନିର୍ବାହୀ ଅଧିକାରୀ ନିଯୁକ୍ତି ଦାବି

ଖଜୁରୀପଡ଼ା, ୮।୮(ବିଦୁର ବେହେରା)

କନ୍ଧମାଳ ଜିଲା ଏକ ଅଧିବାସୀ ଅଧ୍ୟୁଷିତ ଜିଲା। ପାହାଡ ପର୍ବତ ଘେରରେ ଅବସ୍ଥିତ ଏହି ଜିଲାର ଗ୍ରାମଗୁଡ଼ିକ। ଏଠିକାର ଲୋକଙ୍କର ଅନେକ ସମସ୍ୟା ଲାଗି ରହିଛି। ହେଲେ ଖଜୁରୀପଡ଼ା ବ୍ଲକର ପ୍ରତି ପଞ୍ଚାୟତରେ ନିର୍ବାହୀ ଅଧିକାରୀ ନ ଥିବାରୁ ଲୋକମାନେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବହୁ ହଇରାଣ ହେଉଛନ୍ତି। ଏହି ବ୍ଲକ ୧୪ ପଞ୍ଚାୟତକୁ ନେଇ ଗଠିତ। ପ୍ରତି ପଞ୍ଚାୟତରେ ୮ ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ଯ୍ୟରତ ଥିବା ଜିପିଓ ସୋନମ୍ ବେହେରା କହିଛନ୍ତି। ଜଣକୁ ଦୁଇଟି ତିନୋଟି ପଞ୍ଚାୟତର ଦାୟିତ୍ୱ ମିଳିଥିବାରୁ ସବୁବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଭେଟିବା ସମ୍ଭବ ହେଉ ନ ଥିବା ଅଭିଯୋଗ ହେଉଛି। ଗୋଟିଏ ପଞ୍ଚାୟତ ସମସ୍ୟା କହିବାକୁ ଗଲେ ଅନ୍ୟ ପଞ୍ଚାୟତକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଯାଇଥିବା ସୂଚନା ମିଳୁଛି। ଫଳରେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ରାଶନ୍ ଚାଉଳ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ବନ୍ଧରେ କୌଣସି ସମସ୍ୟା ନେଇ ଆସି ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଥିବା ଅଭିଯୋଗ ହୋଇଛି। ତେଣୁ ସବୁ ପଞ୍ଚାୟତରେ ନିର୍ବାହୀ ଅଧିକାରୀ ନିଯୁକ୍ତି ଦେବାକୁ ଦାବି ହେଉଛି।

## ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ

ଧରାକୋଟ,୮।୮(ବିଷ୍ଣୁକେଶରୀଆଚାର୍ଯ୍ୟ)

ସମାଜର ମୁଖ୍ୟ ସ୍ରୋତରେ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ସାମିଲ କରିବା ପାଇଁ ସରକାର ଉଦ୍ୟମ ଜାରିରଖିଛନ୍ତି। ଧରାକୋଟ ବ୍ଲକ ପ୍ରଶାସନ ତରଫରୁ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ଉପକରଣ ବଣ୍ଟନ କରାଯାଇଛି । ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ବିଡିଓ ଡେନିସ ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଚିନ ପାତ୍ର,ପୂର୍ବତନ ସରପଞ୍ଚ ଦିଲୀପ ସ୍ୱାଇଁ, ବ୍ଲକ ପ୍ରକଳ୍ପ ସଂଯୋଜକ କୃଷ୍ଣକାନ୍ତ ପଣ୍ଡା, ବିଭାଗୀୟ କର୍ମଚାରୀ ଧୀରେନ୍ଦ୍ର ଗୌଡ଼ ପ୍ରମୁଖ ଉପସ୍ଥିତ ରହି ୪ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକଲ ଓ ୮ଜଣଙ୍କୁ ହ୍ୱିଲଚେୟାର ବଣ୍ଟନ କରିଥିଲେ। ଆଗାମୀ ଦିନରେ ମଧୁବାବୁ ପେନସନ ଯୋଜନାରେ ଅଧିକ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ଯେପରି ସାମିଲ କରାଯାଇପାରିବ ସେ ଦିଗରେ ଦୃଷ୍ଟିଦେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ନିର୍ଦ୍ଦେଶ ଦେଇଥିଲେ।

## ଡ୍ରେନେଜ ବ୍ୟବସ୍ଥା କରିବା ପାଇଁ ପ୍ରଶାସନର ଦ୍ୱାରସ୍ଥ

ପାରଳାଖେମୁଣ୍ଡି,୮।୮(ଗିରିଧାରୀ ପରିଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରୁ ବାଟଗୌଡ ସାହି ଛକ ପର୍ଯ୍ୟନ୍ତ ଡ୍ରେନେଜ ବ୍ୟବସ୍ଥା ତୁରନ୍ତ କରିବା ନିମନ୍ତେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ୧୪ନମ୍ବର ୱାର୍ଡ କାଉନସିଲରଙ୍କ ସମେତ ୱାର୍ଡ ବାସିନ୍ଦା। ପ୍ରକାଶ ଯେ, ଉଲ୍ଲେଖିତ ଅଞ୍ଚଳରେ ପ୍ରାୟ ୪ବର୍ଷ ପୂର୍ବେ ମୁଖ୍ୟ ରାସ୍ତାର ପ୍ରଶସ୍ତିକରଣ ନାମରେ ଜବରଦଖଲ ଉଚ୍ଛେଦ ହୋଇଥିଲା। ସେତେବେଳେ ଭଙ୍ଗା ଯାଇଥିବା ଗୃହ ତଥା ଦୋକାନର ବାରଣ୍ଡା, କାନ୍ଥ ଆଦି ଭଙ୍ଗା ଯାଇଥିଲା । ଏହି ଭଙ୍ଗା ସାମଗ୍ରୀ ଯଥା ଇଟା, ବାଲି ମାଟି, ସିମେଣ୍ଟ ପ୍ଲେଟ ଖଣ୍ଡ ଆଦି ପଡି ନାଳଗୁଡିକ ପୋତି ହୋଇଯାଇଥିଲା। ହେଲେ ପୂର୍ତ୍ତ ବିଭାଗର ଦିଗହରା ଓ ବେପରୁଆ ମନବୃତ୍ତି ଯୋଜନା ଯୋଗୁଁ ନାଳ କାମ ନ କରି ଛାଡି ଦିଆଗଲା। ସେବେଠାରୁ ଏହି ଅଞ୍ଚଳର ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି । ଅଞ୍ଚଳବାସୀଙ୍କ ଦ୍ୱାରା ବ୍ୟବହୃତ ଆବର୍ଜନା ପାଣି ମୁଖ୍ୟ ରାସ୍ତାରେ ଦୈନିକ ଭାସୁଛି। ଏନେଇ ବାରମ୍ବାର ଗଣମାଧ୍ୟମରେ ମଧ୍ୟ ପ୍ରକାଶିତ ପାଉଛି। ପୌରାଧ୍ୟକ୍ଷା ଏବଂ ଅଞ୍ଚଳବାସୀ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରେ ଅଭିଯୋଗ କରିଛନ୍ତି। ହେଲେ କୌଣସି ସୁଫଳ ମିଳିନାହିଁ। ତେଣୁ ଏହି ନାଳ କାମ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ କରିବା ପାଇଁ ସେମାନେ ଦାବି କରିଛନ୍ତି।

## ଫାଲେରିଆ ନିରାକରଣ ସଚେତନତା


ସଚେତନ କରାଯାଉଛି।

ପୋଲସରା,୮।୮(ସୁବ୍ରତ ବେହେରା)

ଚଳିତ ମାସ ଅଗଷ୍ଟ ୧୦ରୁ ୧୯ ତାରିଖ ଯାଏ ହେବାକୁ ଥିବା ଫାଲେରିଆ ନିରାକରଣ ସଚେତନ ଅଭିଯାନ କାର୍ଯ୍ୟକ୍ରମ ବିଭିନ୍ନ ଗ୍ରାମାଞ୍ଚଳରେ ଆରମ୍ଭ ହୋଇଛି। କରୁଣ ଟ୍ରଷ୍ଟ ତଥା ସମାଜିକ କର୍ମୀ ପ୍ରଶାନ୍ତ କୁମାର ଗୌଡ଼ଙ୍କ ତତ୍ତ୍ୱାବଧାନରେ ପୋଲସରା ବ୍ଲକ ଅନ୍ତର୍ଗତ ଗୋଛାବାଡ଼ି, ନୂଆପଲ୍ଲୀ, ଯୋକବନ୍ଧ, ତିରିବିରୀ ଏହି ପରି ବିଭିନ୍ନ ଗ୍ରାମାଞ୍ଚଳରେ ଫାଲେରିଆ ଟିମ୍ ପହଞ୍ଚି ଗ୍ରାମାଞ୍ଚଳର ସହ ବିଦ୍ୟାଳୟ ଗୁଡ଼ିକରେ ମଧ୍ୟ ଛାତ୍ରୀଛାତ୍ର ଶିକ୍ଷୟିତ୍ରୀ ଶିକ୍ଷକ ମାନଙ୍କୁ ବୁଝାଇଥିଲେ। ଫାଲେରିଆ ହେବାର କାରଣ ଓ ଏହାର ସମୁଳ ନିରାକରଣ କିପରି ହେବ ସେ ବିଷୟରେ ବୁଝାଇବା ସହ ଫାଲେରିଆ ନିରାକରଣ ଭିଡ଼ିଓ ଦ୍ୱାରା ସଚେତନ କରାଇଥିଲେ। ଆସନ୍ତା ଅଗଷ୍ଟ ୧୦ ତାରିଖରୁ ହେବାକୁ ଥିବା ଔଷଧ ସେବନ ଅଭିଯାନରେ ସମସ୍ତେ ଔଷଧ ଖାଇବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ ସମୟରେ ସମସ୍ତ ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ, ଫାଲେରିଆ ନିରାକରଣ ସଚେତନ ଟିମ୍‌ର କର୍ମକର୍ତ୍ତା ଉପସ୍ଥିତ ରହି ବୁଝାଇଥିଲେ।

## ଗାଡିମୋଟର ଯାଞ୍ଚ, ୧.୪୮ ଲକ୍ଷ ଜରିମାନା

### ବ୍ରିଥ ଆନାଲାଇଜରରେ ଧରାପଡ଼ିଲେ ମଦ୍ୟପ



ଗାଡ଼ି ଚାଳକଙ୍କୁ ବ୍ରିଥ ଆନାଲାଇଜର ମାଧ୍ୟମରେ ଯାଞ୍ଚ କରାଯାଉଛି।

ଦାରିଙ୍ଗବାଡି, ୮।୮(ଅରୁଣ ସାହୁ)

ଦାରିଙ୍ଗବାଡି ଅଞ୍ଚଳରେ ମଙ୍ଗଳବାର କନ୍ଧମାଳ ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ରାସ୍ତା ବ୍ଲକିଂ କରାଯାଇ ମିଳିତ ଗାଡିମୋଟର ଯାଞ୍ଚ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିନା ଗାଡି କାଗଜପତ୍ର, ହେଲମେଟ, ନିଶାସକ୍ତ ଅବସ୍ଥାରେ ଗାଡି ଚଳାଉଥିବା ଖିଲାପକାରୀଙ୍କଠାରୁ ଜରିମାନା ସହ ତିନିଜଣ ମଦ୍ୟପ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସକୁ ରଦ୍ଦ କରାଯାଇଛି। ଏଥିସହ ୧ ଲକ୍ଷ ୪୮ ହଜାର ଟଙ୍କା ଜରିମାନା ବାବଦକୁ ଅର୍ଥ ସଂଗ୍ରହ କରାଯାଇଥିବା ଟ୍ରାଫିକ୍ ଏସ୍ଆଇ ଶିବାନୀ ମାଝୀ କହିଛନ୍ତି। ଗାଡି ଚାଳକଙ୍କୁ ବ୍ରିଥ ଆନାଲାଇଜର ମାଧ୍ୟମରେ ନିଶାସକ୍ତ କି ନୁହଁ ତାହା ଯାଞ୍ଚ କରାଯାଇଥିଲା। ଦାରିଙ୍ଗବାଡି ଅଞ୍ଚଳରେ ଏକାଧିକ ଚାଳକ ପ୍ରବଳ ନିଶାସକ୍ତ ଅବସ୍ଥାରେ ଯାତ୍ରୀମାନଙ୍କୁ ନେଉଥିବାରୁ ଏହା ଯାତ୍ରୀ ପ୍ରତି ସୁରକ୍ଷିତ ନ ଥିବା କୁହାଯାଇଥିଲା। ପରିବହନ ବିଭାଗ ସହ ସ୍ଥାନୀୟ ପୋଲିସ ଏଥିରେ ସାମିଲ ହୋଇଥିଲା।

## ବିଜେଡିରୁ ଏକାଧିକ ଆଶାୟୀ ପ୍ରାର୍ଥୀ

### କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀ

କୋଦଳା,୮।୮(ଅମିତ କୁମାର ପଟ୍ଟନାୟକ)

୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ଏବେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ରାଜନୀତି ସରଗରମ ହେଲାଣି। କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ବେଗୁନିଆପଡା ବ୍ଲକ, କୋଦଳା ଏନଏସି, କବିସୂର୍ଯ୍ୟନଗର ଏନଏସି, କବିସୂର୍ଯ୍ୟନଗର ବ୍ଲକର ୧୨ ପଞ୍ଚାୟତ ଏବଂ ପୁରୁଷୋତ୍ତମପୁର ବ୍ଲକର ୯ ପଞ୍ଚାୟତକୁ ନେଇ ଗଠିତ। ଏହି ନିର୍ବାଚନ ମଣ୍ଡଳୀରେ ବିଜେଡିର ଦବଦବା ଥିବାବେଳେ କଂଗ୍ରେସ ଏକପ୍ରକାର ନିଷ୍କ୍ରିୟ ଓ ଭାଜପା ସାମାନ୍ୟ ସକ୍ରିୟ ରହିଛି। ଆସନ୍ତା ସାଧାରଣ ନିର୍ବାଚନରେ ବିଜେଡିର ପ୍ରାର୍ଥୀ ହେବାକୁ ଏବେ ଅନେକ ଆଶାୟୀ ଅଛନ୍ତି।

ବର୍ତ୍ତମାନର ବିଧାୟିକା ଲତିକା ପ୍ରଧାନ, କୋଦଳାର ପୂର୍ବତନ ନଗରପାଳ ହରପ୍ରସାଦ ସାହୁ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା ଏବଂ ବରିଷ୍ଠ ବିଜେଡି ନେତା ତଥା ପୁରୁଷୋତ୍ତମପୁର ବ୍ଲକର ଭୀମପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ସୀତାରାମ ପାଣିଗ୍ରାହୀ ଦୌଡ଼ରେ ରହିଛନ୍ତି। ତେବେ ସେମାନଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ଥିବା ବାରି ହୋଇପଡୁଛି। କାରଣ ଗୋଟିଏ ଦଳରେ ଥିଲେ ମଧ୍ୟ ସେମାନଙ୍କୁ କେବେ ଗୋଟିଏ ମଞ୍ଚରେ ଦେଖିବାକୁ ମିଳୁନାହିଁ। କେବଳ ନିଜ ସମର୍ଥକଙ୍କୁ ନେଇ ଦଳୀୟ ସଂଗଠନ ସୁଦୃଢ କରିବାରେ ଲାଗିଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ଖଲ୍ଲିକୋଟ ରାଣୀ ଭି. ସୁଜ୍ଞାନ କୁମାରୀ ଦେଓ ନିର୍ବାଚନରୁ ନିବୃତ୍ତ ହେବା ପରେ ଲତିକା ପ୍ରଧାନ ବିଧାୟିକା ହୋଇଥିଲେ। ୨୦୧୪ ନିର୍ବାଚନରେ ସ୍ୱାଧୀନ ଭାବେ ଲଢ଼ି ଦ୍ୱିତୀୟ ସ୍ଥାନରେ ଥିବା କୋଦାଳର ପୂର୍ବତନ ନଗରପାଳ ହରପ୍ରସାଦ ସାହୁ ୨୦୧୯ରେ କିନ୍ତୁ ବିଧାୟିକା ଲତିକା ପ୍ରଧାନଙ୍କୁ ସହଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ମତାନ୍ତର ଫଳରେ ଦୀର୍ଘ ୨୦ବର୍ଷ କୋଦଳା ପୌର ପରିଷଦକୁ ନିଜ ଅକ୍ତିଆର ରଖିଥିବା ହରପ୍ରସାଦ ୨୦୨୨ ପୌର ନିର୍ବାଚନରୁ ନିବୃତ୍ତ ରହିଥିଲେ। ଫଳରେ ବିଧାୟିକାଙ୍କ ସମର୍ଥିତ ପ୍ରାର୍ଥି ପରାଜିତ ହୋଇଥିଲା ବେଳେ କୋଦଳା ଏନଏସିକୁ ଭାରତୀୟ ଜନତା ପାର୍ଟି ଦଖଲ କରିଥିଲା। ବର୍ତ୍ତମାନ ହରପ୍ରସାଦ ସାହୁ ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶକୁ ନେଇ ଦଳୀୟ ସଂଗଠନରେ ଲାଗିପଡିଛନ୍ତି। ଯୁବ ସଂଗଠନକୁ ସୁଦୃଢ କରିବା ପାଇଁ ଝିଅ ରଞ୍ଜିତା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରି ଲୋକଙ୍କ ନିକଟତର ହେଉଥିା ଦେଖିବାକୁ ମିଳୁଛି। ସେହିପରି ୨୦୧୪ରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ସୀତାରାମ ପାଣିଗ୍ରାହୀ ପରାଜିତ ହେବା ପରେ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଥିଲେ। ସେ ମଧ୍ୟ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ନିଜ ସପକ୍ଷରେ ସଂଗଠନକୁ ସୁଦୃଢ଼ କରିବାରେ ଲାଗିପଡ଼ିଛନ୍ତି। ଅପରପକ୍ଷରେ ଭାଜପା ଛାଡ଼ି ବିଜେଡିରେ ଯୋଗଦେଇ ରାଜ୍ୟ ଯୁବ ସାଧାରଣ ସମ୍ପାଦକ ହୋଇଥିବା ପ୍ରମୋଦ କୁମାର ପଣ୍ଡା ଆଗାମୀ ନିର୍ବାଚନକୁ ଆଖି ଆଗରେ ନିଜ ସମର୍ଥକମାନଙ୍କୁ ନେଇ ସଂଗଠନ ମଜଭୁତ କରିବାରେ ଲାଗିପଡ଼ିଛନ୍ତି। ଗତ ୨୦୧୯ରୁ ଖଲ୍ଲିକୋଟ ରାଣୀ ଭି ସୁଜ୍ଞାନ କୁମାରୀ ଦେଓ ରାଜନୀତିଠାରୁ ଦୂରେଇ ରହିଥିଲେ ମଧ୍ୟ ନିର୍ବାଚନ ମଣ୍ଡଳୀ ତାଙ୍କର ଏବେ ବି ଦବ୍‌ଦବା ରହିଛି। ଗତ ୫ ତାରିଖରେ ରାଣୀଙ୍କ ଜନ୍ମଦିନରେ ବିଧାୟିକା ଲତିକା ପ୍ରଧାନ ନିର୍ବାଚନ ମଣ୍ଡଳୀରେ କେକ୍ କାଟି ଜନ୍ମଦିନ ପାଳିଥିବା ବେଳେ ହରପ୍ରସାଦ ସାହୁଙ୍କ ପତ୍ନୀ ସୁନିତା ପ୍ରଭା ଏବଂ ଝିଅ ରଞ୍ଜିତା ମଧ୍ୟ ସାମାଜିକ ଗଣମାଧ୍ୟମ ଜରିଆରେ ଶୁଭେଚ୍ଛା ଜଣାଇଛନ୍ତି। ସୀତାରାମ ପାଣିଗ୍ରାହୀ ଏବଂ ପ୍ରମୋଦ ପଣ୍ଡା ନିଜ ସମର୍ଥକଙ୍କୁ ନେଇ ରାଣୀ ରହୁଥିବା ଚେନ୍ନାଇସ୍ଥିତ ବାସଭବନରେ ଶୁଭେଚ୍ଛା ଜଣାଇ ରାଜନୀତିକୁ ଆହୁରି ସକ୍ରିୟ କରିଦେଇଛନ୍ତି। ଅପରପକ୍ଷରେ କୋଦଳା ନଗର ବିଜେଡି ସଭାପତି ସଞ୍ଜୀବ କୁମାର ସାହୁ ଏବଂ ସମ୍ପାଦକ ଗୋପାଳ କୃଷ୍ଣ ସାହୁ ମଧ୍ୟ କୌଣସି ଦଳୀୟ କାର୍ଯ୍ୟରେ ଯୋଗ ଦେଉନଥିବା ବେଳେ ଚେନ୍ନାଇ ସ୍ଥିତ ବାସଭବନରେ ରାଣୀଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ରାଜନୀତିକୁ ଆହୁରି ସରଗରମ କରିଛି। ତେଣୁ ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଜେଡିରୁ ପ୍ରାର୍ଥୀ ହେବା ନେଇ ଏକାଧିକ ଆଶାୟୀ ଥିବା ବେଳେ କାହାକୁ ଗ୍ରୀନ ସିଗନାଲ ମିଳୁଛି ତାହା ଦେଖିବାକୁ ବାକି ରହିଲା।

# ବନ୍ୟାରେ ମତ୍ସ୍ୟଚାଷୀଙ୍କ ଜୀବିକା ଭାସିଗଲା

## ଚାଷୀ ଏବେ ଋଣ ଶୁଝିବା ଚିନ୍ତାରେ

କେନ୍ଦ୍ରାପଡ଼ା, ୮।୮ (ଜଗନ୍ନାଥ ଧଳ)


ମାର୍ଶାଘାଇ ଅୟତିପୁର ରାସ୍ତା ଉପରେ ବନ୍ୟାଜଳରେ ପଶି ଲୋକେ ଯାଉଛନ୍ତି।

ଚଳିତ ବନ୍ୟା କେନ୍ଦ୍ରାପଡ଼ା ଜିଲାର ଜୀବନ ଜୀବିକାକୁ ବିପର୍ଯ୍ୟସ୍ତ କରି ଦେଇଛି। ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ଜିଲାର ୭ ନଦୀରେ ବନ୍ୟା ଜଳ ପ୍ରବାହିତ ହୋଇ ୫ ବ୍ଲକ ଅଞ୍ଚଳର ୧୧୮ଟି ଗ୍ରାମରେ ବନ୍ୟା ଜଳ ପ୍ରବେଶ କରି ଚାଷ ଓ ବାସକୁ ଉଜାଡ଼ିଛି। ଖରିଫ ଧାନ, ପରିବା ସହିତ ଜିଲାର ମତ୍ସ୍ୟଜୀବୀଙ୍କ ଜୀବିକାକୁ ବନ୍ୟା ପାଣି ଭସାଇ ନେଇଛି। ପ୍ରାୟ ୫ ହଜାର ମତ୍ସ୍ୟଜୀବୀ ଏବେ ଋଣ ଶୁଝିବା ଚିନ୍ତାରେ ଥିବା ବେଳେ ପରିବାର ଭରଣ ପୋଷଣ ନେଇ ହତାଶାବୋଧ କରିଛନ୍ତି। ଅଦ୍ୟାବଧି ଏହାର ତନଖି କରାଯାଇନାହିଁ। ଏହି କ୍ଷତିର ଆକଳନ କରି ଅନୁଦାନ ଯୋଗାଇ ଦେବାକୁ ମତ୍ସ୍ୟଜୀବୀ ଦାବି କରିଛନ୍ତି।

ଏ ସମ୍ପର୍କରେ ମାର୍ଶାଘାଇ ବ୍ଲକ ଆଇତିପୁର ଗାଁର ପ୍ରସନ୍ନ ନାୟକ କହିଛନ୍ତି, ଗତ ୮ ଦିନ ଧରି ଲୁଣା ନଦୀ ବନ୍ୟା ଜଳ ଘେରରେ ଗାଁ ଅଛି। ଗ୍ରାମରେ ଅଧିକାଂଶ ପରିବା ଓ ମାଛ ଚାଷ କରି ପରିବାର ପ୍ରତିପୋଷଣ କରନ୍ତି। ଏବେ ବି ଗ୍ରାମରୁ ଜଳ ନିଷ୍କାସନ ହୋଇ ପାରି ନ ଥିବାରୁ ମାଛଚାଷୀଙ୍କ ପୋଖରୀ ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି। ଚଳିତବର୍ଷ ୨ ପୋଖରୀରୁ ମାଛ ଅମଳ ଆରମ୍ଭ ହୋଇଥିଲା। ମାତ୍ର ୮ ହଜାର ଟଙ୍କାର ମାଛ ବିକ୍ରି ହୋଇଛି। ବନ୍ୟା ଜଳ ପୋଖରୀକୁ ନଷ୍ଟ କରିଥିବାରୁ ପ୍ରାୟ ୨ ଲକ୍ଷ ଟଙ୍କା ବନ୍ୟା ପାଣିରେ ଭାସିଗଲା। ଚାଷ ପାଇଁ ସ୍ଥାନୀୟ ଅଞ୍ଚଳରୁ ଧାରକରଜ କରିଥିଲି। ଏହା ଶୁଝିବି କିପରି ବୋଲି ଚିନ୍ତାରେ ଅଛି। ଆଳି ବ୍ଲକ ପଦନିପାଳ ଗ୍ରାମର ଅଭିଳାଷ ବେହେରା କହିଛନ୍ତି, ଖରସ୍ରୋତା ନଦୀର ବନ୍ୟାଜଳ ଜୀବନ ଓ ଜୀବିକାକୁ ଛଡ଼ାଇ ନେଇଛି। ଲିଜ୍‌ରେ ନେଇଥିବା ୨୩ଟି ପୋଖରୀ ଉପରେ ଏବେ ବି ପାଣି ଚାଲିଛି। ବଡ଼ ଧରଣର କ୍ଷତି ହୋଇଛି। ସେହିପରି ଡିହବଳରାମପୁର ଗ୍ରାମର ବିବେକାନନ୍ଦ ମଲ୍ଲିକ କହିଛନ୍ତି, ମାଛ ବିକ୍ରି ପାଇଁ ବ୍ୟବସାୟୀଙ୍କଠାରୁ ଅଗ୍ରିମ ୩୦ ହଜାର ଟଙ୍କା ଆଣିଥିଲି। ବନ୍ୟା ପୋଖରୀକୁ ନଷ୍ଟ କରି ଦେଇଥିବାରୁ ଏହି ଟଙ୍କା ଫେରାଇବାକୁ ପଡ଼ିବ। କୁସୁନୁପୁର ଗ୍ରାମର ଅକ୍ଷୟ ମଣ୍ଡଳ କହିଛନ୍ତି, ଚଳିତ ବନ୍ୟା ଚିଙ୍ଗୁଡ଼ି ଚାଷୀଙ୍କ ଅଣ୍ଟା ଭାଙ୍ଗି ଦେଇଛି। ଘେରିରେ ପର୍ଯ୍ୟାପ୍ତ ଅର୍ଥ ବିନିଯୋଗ ପରେ ବନ୍ୟା ଜଳ ଚିଙ୍ଗୁଡ଼ି ଚାଷକୁ ବିପର୍ଯ୍ୟସ୍ତ କରିଛି। ଜିଲାର ଉପକୂଳ ଅଞ୍ଚଳରେ ହୋଇଥିବା ବନ୍ୟାରେ ପ୍ରାୟ ୮ ହଜାର ଚିଙ୍ଗୁଡି ଚାଷୀଙ୍କ କ୍ଷତି ହୋଇଛି। ମତ୍ସ୍ୟଜୀବୀ ସଂଘର କର୍ମକର୍ତ୍ତା ସଭାପତି ହଳଧର ସେଠୀ କହିଛନ୍ତି, ସାମୁଦ୍ରିକ କଟକଣା ପରେ ଚଳିତ ବନ୍ୟା ମତ୍ସ୍ୟଜୀବୀଙ୍କ ଜୀବିକା ଉପାର୍ଜନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଭିନ୍ନ ସମୟରେ ସାମୁଦ୍ରିକ କଟକଣାକୁ ଜିଲା ମତ୍ସ୍ୟଜୀବୀ ସମ୍ମୁଖୀନ ହେଉଛନ୍ତି। ମାଛଙ୍କ ପ୍ରଜନନ ସମୟର କିଛିଦିନ ମଧ୍ୟରେ ବନ୍ୟା ଆସି ମାଛ ଚାଷକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଛି। ବନ୍ୟାର ଗୋଳିଆ ପାଣିରେ ମାଛ ନିଃଶ୍ୱାସ ନେଇ ନ ପାରି ମରି ଯାଇଥିବା ଅସମ୍ଭବ ନୁହେଁ। ସେହିପରି ବନ୍ୟା ଜଳରେ ଅଧିକାଂଶ ପୋଖରୀ, ଗଡ଼ିଆରେ ପାଣି ପଶିଥିବାରୁ ଭାସିଯିବା ସମ୍ଭାବନା ଅଧିକ। ଏ ସମ୍ପର୍କରେ ତୁରନ୍ତ ତଦନ୍ତ କରି ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ ବୋଲି ସେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ମତ୍ସ୍ୟ ବିଭାଗ ଅଧିକାରୀ ଶଶାଙ୍କ ଶେଖର ସାହୁଙ୍କୁ ପଚାରିବାରେ ବିଭାଗ ପକ୍ଷରୁ ମାଛ ଚାଷ କ୍ଷତି ଆକଳନ ଆରମ୍ଭ ହୋଇଛି। ଜିଲାର ବିଭିନ୍ନ ବ୍ଲକର ସମ୍ପ୍ରସାରଣ ଅଧିକାରୀଙ୍କୁ ଏ ନେଇ ଚିଠି ହୋଇଛି। ଆସନ୍ତା ୨ଦିନ ମଧ୍ୟରେ କ୍ଷତି ପରିମାଣ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଦୀପ୍ତିରଞ୍ଜନ


@ ପ୍ରିୟା


@ ସତ୍ୟବ୍ରତ


@ ସୋମୁ


@ ଟୁନା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ଲକ୍ କାର୍ଯ୍ୟାଳୟ ଘେରିଲେ ଅଧ୍ୟକ୍ଷ, ସମର୍ଥକ

## ଗ୍ରାଣ୍ଟ୍-ଇନ-ଏଡ୍‌ରେ ଆସିଥିବା ଅର୍ଥ ବିନିଯୋଗରେ ଅନିୟମିତତା ଅଭିଯୋଗ

ବରୀ, ୮।୮ (ମହେନ୍ଦ୍ର ସ୍ୱାଇଁ):


ବ୍ଲକ ଅଧ୍ୟକ୍ଷ ଓ ଅନ୍ୟମାନେ ଏବିଡିଓଙ୍କୁ ଭେଟି ଅଭିଯୋଗପତ୍ର ଦେଉଛନ୍ତି ।

ବରୀ ବ୍ଲକ୍‌ରେ ୨୦୨୦-୨୧, ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ଗ୍ରାଣ୍ଟ୍-ଇନ-ଏଡ୍‌ରେ ଆସିଥିବା ଅର୍ଥ ବିନିଯୋଗରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ିଙ୍କ ସମେତ ଜିଲା ପରିଷଦସଭ୍ୟାସଭ୍ୟ ଓ ସରପଞ୍ଚମାନେ ମଙ୍ଗଳବାର ବ୍ଲକ୍ ଘେରାଉ କରିଛନ୍ତି।

ଏଠାରେ ବିଧାୟିକା ଶାସକ ଦଳର ହୋଇଥିଲାବେଳେ ଅଧ୍ୟକ୍ଷଙ୍କ ସମେତ ୪ ଜୋନ୍‌ର ଜିଲା ପରିଷଦସଭ୍ୟ ମଧ୍ୟ ଶାସକ ଦଳରୁ ନିର୍ବାଚିତ ହୋଇଛନ୍ତି। ଗାଣ୍ଟ-ଇନ୍-ଏଡ୍ ପ୍ରକଳ୍ପଗୁଡିକ ବିଧାୟିକା ଦାସଙ୍କ ସୁପାରିସକ୍ରମେ ମଞ୍ଜୁର ହୋଇଥିବା ଅଭିଯୋଗ କରି ଗେଡ଼ିଙ୍କ ସମେତ ତାଙ୍କ ସମର୍ଥନମାନେ ବ୍ଲକ୍ କାର୍ଯ୍ୟାଳୟରେ ହୋହଲ୍ଲା କରିଛନ୍ତି। ବିଜେଡି ରାଜ୍ୟ ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ସମର୍ଥିତ ଅଧ୍ୟକ୍ଷ ଗେଡ଼ି ହୋଇଥିବାରୁ ଏଭଳି କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ବ୍ଲକ୍ ଅଧ୍ୟକ୍ଷ ଗେଡ଼ିଙ୍କ ନେତୃତ୍ୱରେ ୨୨ ନଂ. ଜିଲା ପରିଷଦସଭ୍ୟ ଦିଲୀପ କୁମାର ମହାନ୍ତି, ୨୩ ନଂ. ଜିଲା ପରିଷଦ ସଭ୍ୟଙ୍କ ପ୍ରତିନିଧି ବୁଲୁ ଯାଦବ, ପ୍ରାକ୍ତନ ସରପଞ୍ଚ ବିଜୟ କୁମାର ସାହାଣୀ, ପ୍ରବୋଧ ଜେନା, ସମିତିସଭ୍ୟ ବିଭୁପ୍ରସାଦ ରାଉତଙ୍କ ସମେତ ଶତାଧିକ ଶାସକ ଦଳର କର୍ମୀ ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରିବା ସହ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀଙ୍କୁ ଏକ ଅଭିଯୋଗପତ୍ର ଦେଇଛନ୍ତି। ଅଭିଯୋଗରେ ଗ୍ରାଣ୍ଟ-ଇନ-ଏଡ୍ ତରଫରୁ ଆସିଥିବା ଅର୍ଥକୁ ବିଧାୟିକା ଓ ଅଧ୍ୟକ୍ଷଙ୍କ ମଧ୍ୟରେ ଉଚିତ୍ ଭାବେ ବଣ୍ଟନ କରିବାକୁ ଉଲ୍ଲେଖ ରହିଛି। ଏହା ନ ହେଲେ ଆଗାମୀ ଦିନରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ବୋଲି ଦର୍ଶାଯାଇଛି। ଏ ସମ୍ପର୍କରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ସେଠୀଙ୍କୁ ପଚାରିବାରେ ସେ କହିଛନ୍ତି, ଅଧ୍ୟକ୍ଷଙ୍କ ତରଫରୁ ଏକ ଲିଖିତ ଅଭିଯୋଗ ମିଳିଛି। ଅଭିଯୋଗକୁ ଆମେ ଗ୍ରହଣ କରିଛୁ। ଚୂଡ଼ାନ୍ତ ପଦକ୍ଷେପ ପାଇଁ ଜିଲାପାଳଙ୍କୁ ଅବଗତ କରାଯିବ। ଏ ନେଇ ବିଧାୟିକାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ମହାନଦୀରେ ଭାସିଯାଉଥିବା ମହିଳାଙ୍କୁ ଉଦ୍ଧାର କଲେ ମତ୍ସ୍ୟଜୀବୀ

ପାରାଦୀପ, ୮।୮ (ଶରତ ରାଉତ)

ପାରାଦୀପର ନେହେରୁ ବଙ୍ଗଳା ମାଛଧରା ବନ୍ଦର ପୋତାଶ୍ରୟରୁ ମଙ୍ଗଳବାର ସକାଳେ ଜଣେ ମହିଳାଙ୍କୁ ମତ୍ସ୍ୟଜୀବୀମାନେ ଉଦ୍ଧାର କରିଛନ୍ତି। ସେ ହେଲେ ଲକ୍‌ଥାନା ଅନ୍ତର୍ଗତ ଭୂତମୁଣ୍ଡାଇ ଗ୍ରାମର ଆରତୀ ଦାସ (୫୮)। ସମ୍ପୃକ୍ତା ମହିଳା କୌଣସି କାରଣବଶତଃ ଭୂତମୁଣ୍ଡାଇ ମହାନଦୀ ପୋଲରୁ ପାଣିକୁ ଖସି ପଡ଼ିଥିଲେ। ଏହି ସମୟରେ ନଦୀରେ ପ୍ରବାହିତ ହେଉଥିବା ପ୍ରଖର ବନ୍ୟାଜଳ ତାଙ୍କୁ ଭସାଇ ନେଇଥିଲା। ପ୍ରାୟ ୫ କିମି ଭାସିଲା ପରେ ମାଛଧରା ବନ୍ଦର ପୋତାଶ୍ରୟର ଦକ୍ଷିଣରେ ଥିବା ବର୍ଥ ପାଖରେ ମତ୍ସ୍ୟଜୀବୀମାନେ ତାଙ୍କୁ ଉଦ୍ଧାର କରିଛନ୍ତି। ଏହାପରେ ଆରତୀଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ଖବରପାଇ ସେମାନେ ପହଞ୍ଚି ଆରତୀଙ୍କୁ ସାଙ୍ଗରେ ନେଇ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଇଛନ୍ତି। ଘରେ ପାରିବାରିକ ଅଶାନ୍ତି ଯୋଗୁ ଏପରି ଘଟଣା ଘଟିଥିବା କୁହାଯାଇଛି।


ମହାନଦୀରୁ ଉଦ୍ଧାର ହୋଇଥିବା ମହିଳା।

# ସର୍ବସାଧାରଣ ବ୍ୟବହାର ରାସ୍ତା ଅବରୋଧ

କେନ୍ଦ୍ରାପଡ଼ା, ୮।୮ (ଜଗନ୍ନାଥ ଧଳ)

- ଥାନା, ତହସିଲଦାରଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ
- ଗାଁରେ ବସି ପାରୁନାହିଁ ବିଦ୍ୟୁତ୍ ଟ୍ରାନ୍ସଫର୍ମର

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଭାରିଗଦା ପଞ୍ଚାୟତ ଅଚ୍ୟୁତପୁର ବିଶ୍ୱାଳସାହି ଗାଁର ଜଣେ ବ୍ୟକ୍ତି ସର୍ବସାଧାରଣ ଗ୍ରାମ୍ୟ ରାସ୍ତାକୁ ଜୋରଜବରଦସ୍ତ ଭାବେ ଅବରୋଧ କରିଛନ୍ତି। ଏ ନେଇ ଗ୍ରାମବାସୀ ମଙ୍ଗଳବାର ଥାନା ଓ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ବିଶ୍ୱାଳସାହି ଗାଁର ଜଣେ ବ୍ୟକ୍ତି ଜୋରଜବରଦସ୍ତ ଗ୍ରାମ୍ୟ ରାସ୍ତାକୁ ବହୁଦିନ ହେବ ଅବରୋଧ କରି ରଖି ଆସୁଛନ୍ତି। ଯାତାୟାତ ପାଇଁ ରାସ୍ତା ନ ଛାଡିବା ଦ୍ୱାରା ଗ୍ରାମବାସୀ, ସ୍କୁଲ, କଲେଜ ପିଲାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତିକି ଗାଁରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ିଯିବା ଦ୍ୱାରା ଗାଁରେ ବିଜୁଳି ନ ଥିବା ଦୃଷ୍ଟିରୁ ନୂତନ ଟ୍ରାନ୍ସଫର୍ମର ବସାଇବା ପାଇଁ ସେହି ରାସ୍ତାକୁ ବ୍ୟବହାର କରିବାକୁ ପଡ଼ିବ। ହେଲେ ଅବରୋଧକାରୀ ବ୍ୟକ୍ତି ଜଣକ ରାସ୍ତା ନ ଛାଡ଼ିବାରୁ ଟ୍ରାନ୍ସଫର୍ମର ବସି ପାରୁନାହିଁ। ଏ ନେଇ ଗାଁର ମହିଳାପୁରୁଷ ଏକତ୍ରିତ ହୋଇ ରାଜକନିକା ଥାନାର ଦ୍ୱାରସ୍ଥ ହେବା ସହ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଥାନା ଅଧିକାରୀଙ୍କ ବ୍ୟତୀତ କନିକା ତହସିଲଦାରଙ୍କୁ ମଧ୍ୟ ଭେଟି ସମସ୍ୟାର ସମାଧାନ କରିବାକୁ ସମୂହ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ଅନେକ ଦିନ ହେବ ଏହି ରାସ୍ତାକୁ ଗାଁ ଲୋକ ବ୍ୟବହାର କରି ଆସୁଛନ୍ତି। ଏବେ ଅବରୋଧ ହେବା ଫଳରେ ଗାଁ ଲୋକ ହଇରାଣ ହେଉଛୁ। ତେବେ ଅଭିଯୋଗକୁ ଭିତ୍ତିକରି ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଆଇଆଇସି ଦିଲୀପ କୁମାର ଧଳ କିମ୍ବା କନିକା ତହସିଲଦାର ଅଶୋକ କୁମାର ଦେହୁରୀଙ୍କଠାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।


ଥାନାରେ ଅଭିଯୋଗ କରିବାକୁ ଆସିଥିବା ମହିଳାପୁରୁଷମାନେ।

# ରାସ୍ତା ମରାମତି ପାଇଁ ବ୍ୟୟ ଅଟକଳ ପ୍ରସ୍ତୁତ

ଯାଜପୁର, ୮।୮ (ହର୍ଷବର୍ଦ୍ଧନ ବେହେରା) :

**ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ-୧**
- ତାଲିକାରେ ବନ୍ୟାରେ ଭାଙ୍ଗି ନ ଥିବା ରାସ୍ତା
- ମରାମତି ପାଇଁ ତୁରନ୍ତ ୨.୭ କୋଟି ଟଙ୍କା ଅଟକଳ
- ୪୨.୧୨ କି.ମି. ରାସ୍ତା କ୍ଷତିଗ୍ରସ୍ତ
- ସ୍ଥାୟୀ ପୁନରୁଦ୍ଧାର ପାଇଁ ୬.୫୫ କୋଟି ଟଙ୍କାର ଅଟକଳ

ଗତ ଲଘୁଚାପ ଜନିତ ବର୍ଷା ଯୋଗୁ ଯାଜପୁର ଜିଲାର ୯ ବ୍ଲକର ୩୮ ପଞ୍ଚାୟତ ଅନ୍ତର୍ଗତ ୨୦୩ ଗ୍ରାମ ପ୍ରଭାବିତ ହୋଇଛି। ଏଥିରେ ଯାଜପୁର, ଦଶରଥପୁର, କୋରେଇ, ରସୁଲପୁର, ବରି, ବିଞ୍ଝାରପୁର, ଧର୍ମଶାଳା, ବଡ଼ଚଣା ଏବଂ ସୁକିନ୍ଦା ବ୍ଲକର ୧,୦୨,୨୨୮ ଜଣ ଲୋକ ରହିଥିବା ଜଣାପଡିଛି। ପ୍ରାୟ ୧୧୩୫୩ ହେକ୍ଟର ଚାଷ ଜମି ବନ୍ୟାଜଳରେ ବୁଡ଼ି ଫସଲ ନଷ୍ଟ ହୋଇଯାଇଛି । ଏହି ବନ୍ୟାରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ସରକାରୀ ଭାବେ ସୂଚନା ମିଳିଛି। ୧୫୮ଟି କଚା ଘର ଆଂଶିକ ଏବଂ ୨୧ଟି ଗୁହାଳ କ୍ଷତିଗ୍ରସ୍ତ ହୋଇଛି। ଏହାବାଦ୍ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ ଅଧୀନ ୪୨.୧୨ କିମି ରାସ୍ତା, ବ୍ରିଚେସ୍ ଆଦି ଭାଙ୍ଗିଥିବାବେଳେ ଏଥିପାଇଁ ତୁରନ୍ତ ୨ କୋଟି ୭ ଲକ୍ଷ ଏବଂ ସ୍ଥାୟୀ ମରାମତି ପାଇଁ ୬ କୋଟି ୫୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଗତ ବନ୍ୟାରେ କୌଣସି ଘାଇ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ନାହିଁ। ଫଳରେ ବନ୍ୟା ପରିସ୍ଥିତି ସେତେଟା ବ୍ୟାପକ ହୋଇ ପାରିନାହିଁ। ଏହି କ୍ରମରେ ରାସ୍ତା ଉପରେ ପାଣି ଥିବା ବେଳର ଫଟୋ ଉଠାଇ ଅନେକ କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।


ଦଶରଥପୁର ବ୍ଲକର ବଉଳଗାଁ -କମଳପୁର ରାସ୍ତା।

ତାଲିକା ଅନୁସାରେ ଅଧିକାଂଶ ରାସ୍ତାରେ ବନ୍ୟା ପାଣି ଛାଡି ଯିବା ପରେ ପୂର୍ବବସ୍ଥା ସ୍ଥିତି ରହିଥିବା ଦେଖିବାକୁ ମିଳିଛି। ଏହି କ୍ରମରେ ଆରଡି ବିଭାଗୀୟ ଯନ୍ତ୍ରୀମାନେ ଯେନତେନ ପ୍ରକାରେ ରିପୋର୍ଟ ପ୍ରସ୍ତୁତ କରିଥିବା ସନ୍ଦେହ କରାଯାଇଛି। ତେବେ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟର ଠିକ ଭାବେ ନୀରିକ୍ଷଣ କରା ନ ଗଲେ ସିଂହଭାଗ ଅର୍ଥ ଠିକାଦାରଙ୍କ ଜରିଆରେ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ବାଟମାରଣା କରିବାକୁ ଏହା ଏକ ସୁଯୋଗ ହୋଇପାରେ ସାଧାରଣରେ ଚର୍ଚ୍ଚା ହୋଇଛି।

ବୈତରଣୀ ଶାଖା କାଣୀ ନଦୀର କଣ୍ଟପଡାଠାରେ ଘାଇ ଦୀର୍ଘଦିନ ହେଲା ମୁକୁଳା ପଡିଛି। ଏଥିଯୋଗୁ ଦଶରଥପୁର ବ୍ଲକର କଷପା, ମଲ୍ଲିକାପୁର, ଦୁଦୁରାଅନ୍ତା, ଦଉପୁର, ନିଜାମପୁର, ଶୁଣ୍ଠୁଆ, ମଙ୍ଗଳପୁର, କୟାଁ ଆଦି ୧୫ଟି ପଞ୍ଚାୟତର ପ୍ରାୟ ୫ ହଜାର ଚାଷ ଜମି ଜଳମଗ୍ନ ହୋଇ ଆସୁଛି। ଜଳସମ୍ପଦ ବିଭାଗ ପକ୍ଷରୁ ଏଠାରେ କୌଣସି ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଯାଉ ନାହିଁ ବୋଲି ଚାଷୀ ମହଲରେ ଅଭିଯୋଗ ହେଉଛି। ଖରସ୍ରୋତା ନଦୀବନ୍ଧର ଓଳେଇ ଚନ୍ଦନପୁରଠାରେ ବନ୍ଧର କିଛି ଅଂଶ ଦବି ଯାଇଥିଲାବେଳେ ତୁରନ୍ତ ବାଲିବସ୍ତା ପକାଇ ତାହାର ମରାମତି କରାଯାଇଥିଲା। ତେଣୁ ଦଶରଥପୁର ଓ ବିଞ୍ଝାରପୁର ଅଞ୍ଚଳବାସୀ ବଡ ବନ୍ୟା ଦାଉରୁ ରକ୍ଷା ପାଇଥିଲେ। ଏହିକ୍ରମରେ ଆରଡି ବିଭାଗର ରାସ୍ତା ଓ ବ୍ରିଚେସ ମରାମତି ତାଲିକା ଉପରେ ସନ୍ଦେହ ପ୍ରକାଶ ପାଇବା ସ୍ୱାଭାବିକ ହୋଇଛି। ଏଠାରେ କେତୋଟି ଉଦାହରଣ ଭାବେ ଯାଜପୁର ବ୍ଲକର ଯମୁନା କଲଭର୍ଟ ଠାରୁ ବଣିଆଗଡିଆ, ଷଠିପୁର କୁମ୍ଭାରସାହି ଠାରୁ କରଡା ଛକ ଭାୟା ରୁମ୍ପାସି, ତ୍ରିଲୋଚନପୁର ଠାରୁ ଚମ୍ପାଘାଟ, କୋରେଇ ବ୍ଲକର ବରୁଣ୍ଡେଇଠାରୁ ବନ୍ଦାଳୋ ରାସ୍ତା, ମୁକୁନ୍ଦପୁରଠାରୁ ଗମାରିଆ, ଗୋଲେଇପୁରଠାରୁ ଶଙ୍ଖଚିଲା, ଏନଏଚ-୧୬ ଏସ୍‌ପି ଅଫିସଠାରୁ ସାହାପୁର ନଦୀବନ୍ଧ ଭାୟା ମସୁଦପୁର, ଦଶରଥପୁର ବ୍ଲକର ଆରଡି ରାସ୍ତାଠାରୁ ସଦବ୍ରତ, ମଲ୍ଲିକାପୁର ଠାରୁ ପଲ୍ଲାସାହି, କୟାଁ ଠାରୁ ଇଚ୍ଛାପୁର, ଆର ଏଣ୍ଡ ବି ରାସ୍ତାଠାରୁ ମାଧପୁର, ଆର ଏଣ୍ଡ ବି ରାସ୍ତା ଠାରୁ ଯୋଗିମଠ, ବିଞ୍ଝାରପୁର ବ୍ଲକର ପ୍ରୀତିପୁର ଡିହକୁଳାଠାରୁ ଉତ୍ତରକୂଳ, ସିଂହପୁର ହାଇସ୍କୁଲ ଠାରୁ ଟିଣା ରସ୍ତା, ଆରଡି ରାସ୍ତା ଠାରୁ ରୁଦ୍ରପୁର ଇତ୍ୟାଦି ୩୪ଟି ରାସ୍ତା ଓ ବ୍ରିଚେସ କ୍ଷତିଗ୍ରସ୍ତ ହୋଇଥିବା ବାବଦକୁ ଅଟକଳ ପ୍ରସ୍ତୁତ ହୋଇଛି। ପ୍ରତିବର୍ଷ ହୋଇଥିବା ବନ୍ୟାରେ ଏଭଳି ରିପୋର୍ଟ ପ୍ରସ୍ତୁତ କରାଯାଉଛି। ଏଭଳି ଭାବେ ଆପଦକାଳୀନ ବାତ୍ୟା ଓ ବନ୍ୟା ଜିଲାର ଠିକାଦାର ତଥା ଯନ୍ତ୍ରୀଙ୍କୁ ସୁହାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି । ଏ ସଂକ୍ରାନ୍ତରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଜ୍ଞାନରଞ୍ଜନ ନାୟକଙ୍କ ମତାମତ ପାଇଁ ତାଙ୍କ ମୋବାଇଲକୁ ମଙ୍ଗଳବାର ରାତି ପ୍ରାୟ ୭ଟା୪୫ ମିନିଟରେ ଯୋଗା କରାଯାଇଥିଲା। ହେଲେ ତାହା ସୁଇଚ୍ ଅଫ୍ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିନାହିଁ ।

# ରାତିରେ ସବୁଠି ଅନ୍ଧକାର

ନୟାଗଡ଼,୮।୮(ଲୋକନାଥ ମିଶ୍ର)

ନୟାଗଡ଼ ସହରର ଜିଲା ମୁଖ୍ୟ ଚିକିତ୍ସାଳୟ, ମ୍ୟୁନିସିପାଲିଟି କାର୍ଯ୍ୟାଳୟ, ପାର୍କ ଓ କେସି ପାର୍କର ସମ୍ମୁଖ ଦେଇ ଯାଇଥିବା ବଲାଙ୍ଗୀର ଖୋର୍ଦ୍ଧା ୫୭ନଂ.ଜାତୀୟ ରାଜପଥ ପାର୍ଶ୍ୱରେ ଷ୍ଟ୍ରିଟ୍ ଲାଇଟ ଜଳୁନି । ପୁଣି ସହରର ବିଭିନ୍ନ ୱାର୍ଡରେ ଅଧିକାଂଶ ଷ୍ଟ୍ରିଟ୍ ଲାଇଟ ମଧ୍ୟ ଅଚଳ ହୋଇ ପଡି ରହିଛି । ବଲ୍ ଫ୍ୟୁଜ୍ ହେଲେ ନୂଆ ଲଗା ଯାଉନି । ମରାମତି ପାଇଁ ଅଭିଯୋଗ କଲେ ଅଣଦେଖା କରାଯାଉଛି । ଷ୍ଟ୍ରିଟ ଲାଇଟ୍ ଲଗାଇଥିବା ଓ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା କମ୍ପାନୀକୁ ସରକାର ଦାୟିତ୍ୱରୁ ହଟାଇ ଦେବା ପରେ ନୟାଗଡ଼ ସହରରେ ଏଭଳି ସମସ୍ୟା ଦେଖା ଦେଇଛି । ରାତିରେ ସବୁଠି ଅନ୍ଧକାର ରହୁଛି । ତେବେ କମ୍ପାନୀକୁ ହଟାଇବା ପୂର୍ବରୁ ଅସୁବିଧାକୁ ଏଡାଇବା ପାଇଁ ସରକାର ପଦକ୍ଷେପ ନେବାର ଥିଲା । ସେପରି କୌଣସି ବ୍ୟବସ୍ଥା ନ କରିବାରୁ ପ୍ରାୟ ୨ମାସ ହେଲା ବିଦ୍ୟୁତ୍ କ୍ଷେତ୍ରରେ ବଢ଼ିଛି ଅବ୍ୟବସ୍ଥା । ଅନ୍ଧାରର ସୁଯୋଗ ନେଇ ଲୁଟ୍ ଓ ଚୋରି ଚାଲିଛି । ପୁଣି ଅସାମାଜିକ କାର୍ଯ୍ୟକଳାପ ବଢୁଛି । ଏନେଇ ମ୍ୟୁନିସିପାଲିଟି ବୈଠକରେ ଆଲୋଚନା କରାଇ ବିଦ୍ୟୁତ୍ ସମସ୍ୟା ସମାଧାନ କରିବାକୁ ସହରବାସୀ ଦାବି କରିଛନ୍ତି ।



ନୟାଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ସମ୍ମୁଖ ଷ୍ଟ୍ରିଟ୍ ଲାଇଟ୍ ଜଳୁନାହିଁ ।

ରାଜ୍ୟ ରାଜପଥ ଓ ଜାତୀୟ ରାଜପଥ ଷ୍ଟ୍ରିଟ ଲାଇଟ ତଦାରଖ ଦାୟିତ୍ୱ ଗ୍ରୀନ ସ୍ୱିଚ ନେଇଥିବାବେଳେ ୱାର୍ଡର ଷ୍ଟ୍ରିଟ ଲାଇଟ ଏକ୍ସଏଲ କମ୍ପାନୀ ନେଇଥିଲା । ତେବେ ଏକ୍ସଏଲ କମ୍ପାନୀ ଭଲ ସେବା ନ ଯୋଗାଇବାରୁ ସରକାର ଦାୟିତ୍ୱରୁ ହଟାଇ ଦେଲେ । ବର୍ଷା କାରଣରୁ ଅଧିକାଂଶ ସ୍ଥାନରେ ଷ୍ଟ୍ରିଟ ଲାଇଟ କାର୍ବନ ଓ ଶର୍ଟ ସର୍କିଟ ହେଉଛି । କେତେକ ସ୍ଥାନରେ ବଲ ଫ୍ୟୁଜ୍ ହୋଇଯାଉଛି । ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟରେ ନୂଆ ବିଦ୍ୟୁତ୍ ବଲ ଲଗାଇବାର ଆବଶ୍ୟକତା ପଡୁଛି । ତେବେ

■ମେଡିକାଲ, ପାର୍କ, ମ୍ୟୁନିସିପାଲିଟି ସମ୍ମୁଖ ରାଜପଥରେ ସମଦଶା
■ଷ୍ଟ୍ରିଟ ଲାଇଟ୍ ବଲବ ଫ୍ୟୁଜ୍ ହେଲେ ନୂଆ ଲାଗୁନି
■ଅଭିଯୋଗ କଲେ ଅଚଳ ଷ୍ଟ୍ରିଟ୍ ଲାଇଟ୍ ମରାମତି ହେଉନି
■ବିକଳ୍ପ ବ୍ୟବସ୍ଥା ନ କରି କମ୍ପାନୀକୁ ହଟାଇବା ପରେ ବଢ଼ିଛି ଅବ୍ୟବସ୍ଥା
■ଅନ୍ଧାରର ସୁଯୋଗରେ ଚୋରି, ଲୁଟ୍ ବଢୁଛି

ଅଭିଯୋଗ ପରେ ମରାମତି କାମ କ୍ୱଚିତ ସ୍ଥାନରେ ହେଉଛି । ଅଧିକାଂଶ ସ୍ଥାନରେ ବଲ ଓ ଅନ୍ୟ ସରଞ୍ଜାମ ଖରାପ ହୋଇ ଯାଉଛି କହି ମରାମତି କରାଯାଉନି । ଏନେଇ ନୟାଗଡ଼ ଏନଏସିର ପୂର୍ବତନ ଚେୟାରମ୍ୟାନ ଭବାନୀ ଶଙ୍କର ଦାଶ କୁହନ୍ତି, ବିଦ୍ୟୁତ୍‌କ୍ଷେତ୍ରରେ ଅବ୍ୟବସ୍ଥା ବଢୁଛି । ମ୍ୟୁନିସିପାଲିଟି ଏହାକୁ ଗୁରୁତର ସହ ନେଇ ଏହାକୁ ସଚଳ କରିବା ତା'ର ଦାୟିତ୍ୱ । ତେବେ କମ୍ପାନୀ ନାମରେ ଖସିଯିବା ଠିକ୍ ନୁହେଁ । କିଛି ସ୍ଥାନରେ ଲୋକ ୨ମାସ ହେଲା ଅନ୍ଧାରରେ ରହିଲେଣି । ଜାତୀୟ ରାଜପଥର କିଛି ଅଞ୍ଚଳ ମଧ୍ୟ ଅନ୍ଧାରରେ ରହିଛି । ସହରବାସୀଙ୍କ ଅସୁବିଧାକୁ ଦେଖି ମ୍ୟୁନିସିପାଲିଟି ଏହାକୁ ଗୁରୁତର ସହ ନେବା ଦରକାର । ମ୍ୟୁନିସିପାଲିଟିର ଉପାଧକ୍ଷ ଗୁରୁ ପ୍ରସାଦ ଜେନା କୁହନ୍ତି ଏକ୍ସଏଲ କମ୍ପାନୀଙ୍କୁ ସରକାର କାଢ଼ି ଦେବା ପରେ ବିଦ୍ୟୁତ୍ ସମସ୍ୟା ଦେଖା ଦେଇଛି । କିଛି ସ୍ଥାନରେ ମରାମତି ହେଉଛି । ତେବେ ବିଦ୍ୟୁତ୍ ଉପକରଣ ଆମ ପାଖରେ ନ ଥିବାରୁ ସବୁ ସ୍ଥାନରେ ମରାମତି କାମ ହୋଇ ପାରୁନି । ଏନେଇ ବୁଧବାର ଅନୁଷ୍ଠିତ ହେବାକୁ ଥିବା କାଉନସିଲ ବୈଠକରେ ଆଲୋଚନା କରାଇ ଏହାର ସମାଧାନ କରାଇବୁ ବୋଲି କହିଛନ୍ତି । ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର କୁହନ୍ତି, ଜାତୀୟ ରାଜପଥ କଡରେ ଟିପିସିଓଡିଏଲ ମରାମତି କାମ କରୁଥିବାରୁ ଆମକୁ ଅବଗତ କରାଇ ଜାତୀୟ ରାଜପଥ କଡର କିଛି ଷ୍ଟ୍ରିଟ୍ ଲାଇଟ କାଟିଛି । ମରାମତି କାମ ଶେଷ ପରେ ଏହା ପୁଣି କାମ କରିବ । ଅନ୍ୟପକ୍ଷେ ଏକ୍ସଏଲ କମ୍ପାନୀ ହଟିବା ପରେ ପ୍ରାୟ ୨ମାସ ହେଲା ବିଦ୍ୟୁତ୍ କ୍ଷେତ୍ରରେ ଅସୁବିଧା ହୋଇଛି । ଆମ ପାଖରେ ବିଦ୍ୟୁତ୍ ଉପକରଣ ନ ଥିବାରୁ ଅସୁବିଧା ଦେଖା ଦେଇଛି । ଏଣୁ ମ୍ୟୁନିସିପାଲିଟି ବୈଠକରେ ଆଲୋଚନା କରାଇ ଏହାର ସମାଧାନ କରାଇବୁ ବୋଲି ସେ କହିଛନ୍ତି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦୀପ୍ତିରଞ୍ଜନ



@ ପ୍ରିୟା



@ ସତ୍ୟବ୍ରତ



@ ସୋମୁ



@ ଟୁନା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୭ ଦିନ ହେଲା ଜଳ ଯୋଗାଣ ବନ୍ଦ

ଖଣ୍ଡପଡ଼ା,୮।୮
(ଅଜୟ କୁମାର ମହାରଣା)

ଆଜି ହେବ, କାଲି ହେବ କହି ୫ ଦିନ ବିତିଲା ହେଲେ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ପାରିଲା ନାହିଁ । ଫଳରେ ଖଣ୍ଡପଡ଼ା ବ୍ଲକ ଅଧୀନ୧୫ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ କଣ୍ଟିଲୋ ପଞ୍ଚାୟତବାସୀ ପାନୀୟ ଜଳ ନ ପାଇ ନାନା ସମସ୍ୟା ମଧ୍ୟରେ ଗତି କରୁଛନ୍ତି । ମହାନଦୀରେ ବନ୍ୟାଜଳ ଆସିଲେ କଣ୍ଟିଲୋ ଅଞ୍ଚଳ ପାଇଁ ପାନୀୟ ଜଳ ଯୋଗାଣରେ ସମସ୍ୟା ସୃଷ୍ଟି କରିଥାଏ । ନଦୀ କୂଳରେ ନିର୍ମିତ ପିଣ୍ଡି (ମୋଟର ପମ୍ପ ବସୁଥିବା ସିମେଣ୍ଟ ଚଟାଣ)ଟି ବୁଡି ଯାଇଥିବାରୁ ଏଥିରୁ ମୋଟର ପମ୍ପଟିକୁ ବାହାର କରି ନିଆଯାଇଥାଏ । ଫଳରେ ଜଳଯୋଗାଣ ବନ୍ଦ ରୁହେ । ସାମ୍ପ୍ରତିକ ପରିସ୍ଥିତିରେ ଲୋକେ ସ୍ୱଚ୍ଛ ପାନୀୟ ଜଳ ମୁନ୍ଦେ ପାଇଁ ଡ଼ହଳ ବିକଳ ହେଉଛନ୍ତି । ଗତ ୭ ଦିନ ହେବ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ କଣ୍ଟିଲୋ ପଞ୍ଚାୟବାସୀଙ୍କୁ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ମହାନଦୀ କୂଳରେ ଏକ ପ୍ରକଳ୍ପ



ନଦୀକୂଳରେ ନିର୍ମାଣ ହୋଇଥିବା ମୋଟର ରଖିବା ପିଣ୍ଡି ।

ଦୀର୍ଘ ୫୦ ବର୍ଷ ହେବ ପ୍ରତିଷ୍ଠା କରାଯାଇଛି । ୪୦ ଅଶ୍ୱ ଶକ୍ତି ସମ୍ପନ୍ନ ବିଦ୍ୟୁତ ଚାଳିତ ମୋଟର ପମ୍ପ ସାହାଯ୍ୟରେ ମହାନଦୀର ପ୍ରବାହିତ ଜଳକୁ ଉଠାଯାଇ ଅଞ୍ଚଳବାସୀଙ୍କୁ ପାଣି ଯୋଗାଇ ଦିଆଯାଉଛି । ତେବେ ଗତ ଲଘୁଚାପ ଜନିତ ବର୍ଷା ଓ ଏହା ପ୍ରଭାବରେ ମହାନଦୀରେ ସୃଷ୍ଟି ହୋଇଥିବା ବନ୍ୟା ଯୋଗୁ ମହାନଦୀ କୂଳରେ ବସିଥିବା ମୋଟର ପାଣିରେ ବୁଡି ଯିବା ପୂର୍ବରୁ ତାହାକୁ ଉଠାଇ ନିଆଯାଇଛି । ବିକଳ୍ପ ବ୍ୟବସ୍ଥା ରୁପେ ବନ୍ୟା ଜଳ ବୃଦ୍ଧିକୁ ଲକ୍ଷ୍ୟ କରାଯାଇ ଉଚ୍ଚ ସ୍ଥାନରେ ନିର୍ମାଣ କରାଯାଇଥିବା ପିଣ୍ଡିରେ ମୋଟରଟିକୁ ସ୍ଥାପନ କରାଯିବାର ବ୍ୟବସ୍ଥା କରାଯାଇଛି । ହେଲେ ତାହା ଠିକ୍ ସମୟରେ କରାଯାଉ ନ ଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି । ଭୁବନେଶ୍ୱରରୁ କପଲିନ ଅଣାଯିବା ପରେ ବୁଧବାର ଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି ଖଣ୍ଡପଡ଼ା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ହୋତା ସୂଚନା ଦେଇଛନ୍ତି ।

# ଝିଅକୁ ହତ୍ୟା ନ କରିବାରୁ ସ୍ୱାମୀଙ୍କ ଆତ୍ମହତ୍ୟା

ନୟାଗଡ଼,୮।୮(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଶରଣକୁଳ ଥାନା ଗୋଡିପଡ଼ା ଫାଣ୍ଡି ଅଧୀନ ତୋଡିବାରି ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି । ୨୧ ଦିନର ଝିଅକୁ ହତ୍ୟା କରିବାକୁ ସ୍ତ୍ରୀ ଅରାଜି ହେବା ପରେ ସ୍ୱାମୀ ସମ୍ବିଦ ସାହୁ(୨୫) ଆତ୍ମହତ୍ୟା କରିଛନ୍ତି । ଗୋଡିପଡ଼ା ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖିଛି । ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି । ସମ୍ବିଦ୍‌ଙ୍କ ସ୍ତ୍ରୀ ସୁମିତ୍ରା ନାୟକଙ୍କ ସୂଚନା ଅନୁସାରେ ଆମେ ପତି ପତ୍ନୀ ଅଲଗା ଜାତିର । ମୁଁ ଦଳିତ ହୋଇଥିବାବେଳେ ମୋ ସ୍ୱାମି ସବର୍ଣ୍ଣ ଜାତିର । ଗଣିଆ ଥାନା ଗଣିଆ ତେଲି ସାହିରେ ମୋ ସ୍ୱାମିଙ୍କର ଘର । ଆମେ ଦୁହେଁ ଭଲ ପାଇ ବିବାହ କରିଥିଲୁ । ମୁଁ ଅସବର୍ଣ୍ଣ ଜାତିର ହୋଇଥିବାରୁ ମୋ ଶାଶୁ ଘର ଆମ ବିବାହକୁ ସ୍ୱୀକୃତି ଦେଲେ ନାହିଁ । ଏଣୁ କିଛି ମାସ ପରେ ଆମ୍ଭ ଦୁହିଁଙ୍କର ଛାଡପତ୍ର ହୋଇଗଲା । ପରବର୍ତ୍ତି ପର୍ଯ୍ୟାୟରେ ମୋ ସ୍ୱାମି ମୋତେ ଭୁଲି ପାରିଲେ ନାହିଁ । ସେ ପୁଣି ମୋ ସହ ସମ୍ପର୍କ ରଖିଲେ । ଆମ୍ଭେ ଭୁବନେଶ୍ୱରରେ ରହିଲୁ । ଆମ୍ଭର ଏକ ଝିଅ ହୋଇଥିଲା । ସୋମବାର ଏକୋଇଶିଆ ହୋଇଥିଲା । ମୋ ସ୍ୱାମୀ କିଛିଦିନ ହେଲା ଆସୁନ ଥିଲେ । ହେଲେ ଝିଅର ଏକୋଇଶିଆରେ ମୋ ବାପ ଘରକୁ ଆସି ସହଯୋଗ କଲେ । ତେବେ ସର୍ତ୍ତ ରଖିଲେ ଝିଅକୁ ମାରିଦେଲେ ଆମର ସବୁ ସମସ୍ୟା ଦୂର ହେବ । ଆମେ ଆମର ଘରକୁ ଫେରି ଯିବା । ମୋ ପରିବାର ତୁମକୁ ଗ୍ରହଣ କରିବାକୁ କହୁଛନ୍ତି । ଝିଅକୁ ନ ମାରିଲେ ଆମେ ଏକାଠି ହୋଇ ପାରିବାନି । ହେଲେ ମୁଁ ଅରାଜି ଥିଲି । ମୋ ସ୍ୱାମୀ ଆତ୍ମହତ୍ୟା କରିବେ କହି ମଙ୍ଗଳବାର ଆମ ଗାଁ ପାଖ ଜଙ୍ଗରେ ଆତ୍ମହତ୍ୟା କଲେ । ଆମେ ଖବର ପାଇ ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲୁ । ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ଗୋଡିପଡ଼ା ଫାଣ୍ଡି ଅଧିକାରୀ ନିରଞ୍ଜନ କିଶୋର ବଡଜେନା କୁହନ୍ତି, ମୃତଦେହ ଜବତ କରାଯାଇଛି । ବୁଧବାର ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ।

# ଜେଲ ଗଲେ ଅଟକ ଥିବା ଅଧକ୍ଷ

ନୟାଗଡ଼,୮।୮(ଲୋକନାଥ ମିଶ୍ର)

ଛାତ୍ରୀମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରି ଫସିଲେ ନୟାଗଡ଼ ବ୍ଲକ କେନ୍ଦୁଡ଼ିପି ଅଞ୍ଚଳର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ହାତୀ । ଇଟାମାଟି ଥାନା ପୋଲିସ ଅଟକ ରଖିଥିବା ଅଧକ୍ଷଙ୍କୁ ଗିରଫ ଦର୍ଶାଇ କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ପରେ ଅଧକ୍ଷଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି ।

ଆଇଆଇସି ଦିଲ୍ଲୀପ ସ୍ୱାଇଁଙ୍କ ସୂଚନା ଅନୁଯାୟୀ, କେତେଜଣ ଛାତ୍ରୀଙ୍କୁ ଅଧକ୍ଷ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିଥିଲେ । ୨ ଛାତ୍ରୀଙ୍କ ଅଭିଯୋଗକୁ ଭିତ୍ତି କରି ୩୫୪ଏ. ୫୦୬, ୫୦୯, ୫୧୨, ପୋକ୍‌ସୋ ଆଇନର ୧୨ ଦଫାରେ ଏକ ମାମଲା(ନଂ.୧୭୭/୨୩)ରୁଜୁ ହୋଇ ଘଟଣାର ତଦନ୍ତ କରାଯାଇଥିଲା । ମଙ୍ଗଳବାର ଦୁଇ ଛାତ୍ରୀ ଓ ଅଧକ୍ଷଙ୍କୁ ଡାକ୍ତରୀ ମାଇନା କରାଯାଇଥିଲା । ଏନେଇ ଜଣେ ପୀଡ଼ିତା କୁହନ୍ତି ମୁଁ ବିଜ୍ଞାନ ଛାତ୍ରୀ । କେନ୍ଦୁଡ଼ିପି ଅଞ୍ଚଳର ଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧ବର୍ଷ ହେଲା ପଢୁଛୁ । ତେବେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରାକ୍ଟିକାଲ କି କ୍ଲାସ କରାଯାଉ ନାହିଁ । ଅନ୍ୟାନ୍ୟ ସୁବିଧା ମଧ୍ୟ ଆମକୁ ମିଳୁ ନ ଥିଲା । ପାଠ ନ ପଢ଼ି କିପରି ପରୀକ୍ଷା ଦେବୁ ସେ ଚିନ୍ତା ଆମକୁ ଘାରି ଥିଲା । ଏଣୁ ଆମେ ଦୁଇ ସାଙ୍ଗ ଅଧକ୍ଷଙ୍କୁ ଜୁଲାଇ ୩ରେ କମ୍ପ୍ୟୁଟର ଲାବ୍‌ରେ ଦେଖା କରିବାକୁ ଯାଇ ଆମ ସମସ୍ୟା କହିଥିଲୁ । ସାର ଆମ ସମସ୍ୟା ଶୁଣି ଚେୟାରରୁ ଉଠି ହସି ହସି ଆମ ପାଖକୁ ଆସିଲେ । ତେବେ ତାଙ୍କ ଭାଷା ଅଶ୍ଳୀଳ ଥିବାବେଳେ ଚାହାଣୀ



■ଛାତ୍ରୀମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରି ଫସିଲେ
■ଗୁମର ଖୋଲିଲେ ପୀଡ଼ିତା, ନ୍ୟାୟ ପାଇଁ ନିବେଦନ

ମଧ୍ୟ ଅଲଗା ଥିଲା । ପରେ କହିଥିଲେ ତୁମେ ମୋ କଥା ବୁଝ, ମୁଁ ତୁମ କଥା ବୁଝିଦେବି କହି ସାଙ୍ଗର ଗାଲକୁ ଟଚ୍ କଲେ । ଆମେ ଦୌଡି ପଳାଇ ଆସୁଥିବାବେଳେ କହିଲେ ଘଟଣା ସମ୍ପର୍କରେ କାହାରିକୁ କହିବ ନାହିଁ । କହିଲେ ଶେଷ ପରିଣତି ଭଲ ହେବ ନାହିଁ । ପରୀକ୍ଷାରେ ଫେଲ୍ କରିଦେବୁ । ଏହା ପରେ ଆମ ଚିନ୍ତା ବଢ଼ିଗଲା । ଏଭଳି ସ୍ଥଳେ ହଷ୍ଟେଲ ମୁଖ୍ୟ ପଚାରିଲେ କ'ଣ ଅସୁବିଧା ହେଉଛି । ଏଣୁ ଆମେ ପ୍ରକୃତ ଘଟଣା ୱାର୍ଡେନଙ୍କୁ କହିଲୁ । ଏହା ପରେ ଇଟାମାଟି ଥାନାରେ ଅଭିଯୋଗ କରାଗଲା ବୋଲି କହି ସେ କାନ୍ଦି ପକାଇଥିଲେ । ଅନ୍ୟପକ୍ଷେ ଅଧକ୍ଷଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ଛାତ୍ରୀ ଦ୍ୱୟ କହିଛନ୍ତି । ଆମ୍ଭେ ନ୍ୟାୟ ନ ପାଇଲେ ଜଣକ ପରେ ଜଣେ ଛାତ୍ରୀ ଅସଦାଚରଣ ଓ ବଳାତ୍କାର ଶିକାର ହୋଇ ଚାଲିଥିବେ ବୋଲି ଉଭୟ କହିଛନ୍ତି ।

# ପୁଣି ଥରେ ତଦନ୍ତ କଲା ପ୍ରଶାସନ

ଭାପୁର, ୮।୮(ଭରତ କୁମାର ବେହେରା )

ଭାପୁର ବ୍ଲକ ଅନ୍ତର୍ଗତ ଭାପୁର ପଞ୍ଚାୟତ ଖଇରିଗାଡିଆ ଗ୍ରାମରେ ୨ ପୋଖରୀ ଓ ଗୋଟିଏ ରାସ୍ତା ନ କରି ୨୪ଲକ୍ଷ ଟଙ୍କା ଫଲସ ବିଲ ହୋଇଥିଲା । ତଦନ୍ତ ପରେ କାମ ହୋଇ ନ ଥିବା ଜଣାପଡିବାରୁ ଭାପୁର ତତ୍କାଳୀନ ବିଡ଼ିଓ ସତ୍ୟ ସୁନ୍ଦର ରାଉତଙ୍କଠାରୁ ୭ ଲକ୍ଷ ୫୯ହଜାର ୮ଶହ୪୬ ଟଙ୍କା, ନିର୍ବାହୀ ଯନ୍ତ୍ରୀ ବୈଷ୍ଣବ ପ୍ରସାଦ ରଥଙ୍କଠାରୁ ୨ ଲକ୍ଷ ୫୯ହଜାର ୪୪୬ଟଙ୍କା , ସହକାରୀ ଯନ୍ତ୍ରୀ ବୃନ୍ଦାବନ ବରିହାଙ୍କ ଠାରୁ ୫ ଲକ୍ଷ ୨୧ ହଜାର ୬୨୫ , ଯନ୍ତ୍ରୀ ପ୍ରମୋଦ କୁମାର ସେଠୀଙ୍କ ଠାରୁ ୫ ଲକ୍ଷ ୩୧ହଜାର ୬୨୭, ଓ ଯନ୍ତ୍ରୀ ଅର୍ଦ୍ଧେନ୍ଦୁ ଷଡ଼ଙ୍ଗୀଙ୍କଠାରୁ ୨ ଲକ୍ଷ ୫୯ହଜାର ୮୫୯ ଟଙ୍କା ଆଦାୟ କରାଯାଇଥିଲା । ତତ୍କାଳୀନ ଯନ୍ତ୍ରୀ ରାସ୍ତା କାମ ସରିଥିବା କହୁଥିବା ବେଳେ ମଙ୍ଗଳବାର ଜିଲା ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶରେ ୪ ଜଣିଆ ଟିମ ଖଇରିଗାଡିଆ ଗ୍ରାମକୁ ଆସି ତଦନ୍ତ କରିଥିଲେ । ଏହି ତଦନ୍ତରେ ଖଣ୍ଡପଡ଼ା ଆସିଷ୍ଟାଣ୍ଟ ଏକ୍ସକ୍ୟୁଟି ଇଞ୍ଜିନିୟର ଆଶୁତୋଷ ମହାନ୍ତିଙ୍କ ନେତୃତ୍ୱ ଦଶପଲ୍ଲା ଏନଏସି ଆସିଷ୍ଟାଣ୍ଟ ଇଞ୍ଜିନିୟର ଅଶୋକ ଦଳବେହେରା, ରଣପୁର ଦେଇ ଦିଲୀପ ଉଦିନ, ନୟାଗଡ଼ ଏପିଓ ମିଟନ ମହାପାତ୍ର । ଭାପୁର ବ୍ଲକର ଏପିଓ ଅରୁଣ କୁମାର ଚିନାରା ଓ ଭାପୁର ପଞ୍ଚାୟତ ଜେଇ ରଶ୍ମୀରଞ୍ଜନ ପଟ୍ଟନାୟକ ସହଯୋଗ କରିଥିଲେ । ସାଥିରେ ତତ୍କାଳୀନ ଯନ୍ତ୍ରୀ



ତଦନ୍ତ କରିବାକୁ ଆସିଥିବା ଅଧିକାରୀଙ୍କ ସହ ଗ୍ରାମବାସୀ ଆଲୋଚନା କରୁଛନ୍ତି ।

ଅର୍ଦ୍ଧେନ୍ଦୁ ଷଡ଼ଙ୍ଗୀ ଉପସ୍ଥିତ ଥିଲେ । ଯେଉଁ ରାସ୍ତା ଉପରେ ଅଭିଯୋଗ ହୋଇଥିଲା । ସେହି ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ସାମିଲ ହୋଇଥିବାରୁ ଗ୍ରାମବାସୀଙ୍କ ଉପସ୍ଥିତିରେ ପାଞ୍ଚ ଛଅଟି ସ୍ଥାନରେ ରାସ୍ତା ଖୋଳା ହୋଇ ପରୀକ୍ଷା କରାଯାଇଥିଲା । ହେଲେ ଦୁଇ ତିନି ଫୁଟ ଖୋଳା ହୋଇଥିଲେ ମଧ୍ୟ ରାସ୍ତା ହୋଇଥିବା କୌଣସି ସୁରାକ ମିଳି ନ ଥିଲା ।

ସୂଚନାଯୋଗ୍ୟ, ଖଇରିଗାଡିଆ ଗ୍ରାମରେ ଚୁଆ ଓ ରାସ୍ତା ନିର୍ମାଣ ନ କରି ୨୪ ଲକ୍ଷ ଟଙ୍କା ଚଲୁ କରାଯାଇଥିଲା । ଖଇରିଗାଡିଆ ଗ୍ରାମବାସୀ ୨୦୨୧ ଡିସେମ୍ବର ୧୩ରେ ବ୍ଲକ ପ୍ରଶାସନ ନିକଟରେ ଏ ସଂକ୍ରାନ୍ତରେ ଅଭିଯୋଗ କରିଥିଲେ । ଅଭିଯୋଗର ୧୦ଦିନ ପରେ ବ୍ଲକ ପ୍ରଶାସନ ପକ୍ଷରୁ ତତ୍କାଳୀନ ବିଡ଼ିଓ ଜନ୍ମେଜୟ ସାହୁ ଓ ଓବ୍ୟୁସମ୍ୟାନ ଗିରିଶଚନ୍ଦ୍ର ଦାସ ଓ ଭାପୁର ବ୍ଲକ ଏମ୍‌ଜିଏନ୍‌ଆରଇଜିଏସ୍ ମୁଖ୍ୟ ଅରୁଣ କୁମାର ଚିନରା ତଦନ୍ତ କରିବାକୁ ଯାଇଥିଲେ । ହେଲେ କିଛି ସୁଫଳ ମିଳି ନ ଥିଲା । ଭାପୁର ବ୍ଲକରେ ଜନଶୁଣାଣୀ ଶିବିରରେ ଗ୍ରାମବାସୀ ଅତିରିକ୍ତ ଜିଲାପାଳ ସୁବାସ ରାୟଙ୍କ ନିକଟରେ ଏନେଇ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଜିଲା ପ୍ରଶାସନ ତରଫରୁ ପୁଣି ତଦନ୍ତ କରାଯାଇଥିଲା । ସେତେବେଳେ ତଦନ୍ତ ଟିମରେ ନିରଞ୍ଜନ ରଣା ଏକ୍‌ଜକ୍ୟୁଟିଭ ଇଞ୍ଜିନିୟର ଡିଆରଡିଏ ,ଭାପୁର ଏମ୍‌ଜିଏନ୍‌ଆରଇଜିଏସ ମୁଖ୍ୟ ଅରୁଣ କୁମାର ଚିନରା ,ଏମ୍‌ଜିଏନ୍‌ଆରଇଜିଏସ କୋର୍ଡିନେଟର ମିତାଲି ଜେନା ,ରଞ୍ଜିତା ପ୍ରିୟଦର୍ଶନୀ, ଅଶୋକ କୁମାର ମିଶ୍ର ନୟାଗଡ , ଜିଆରଏସ୍ ଜିତେନ୍ଦ୍ର କୁମାର ଚୌଧୁରୀ ,କମ୍ପ୍ୟୁଟର ପ୍ରୋଗ୍ରାମ ସୁନୀଲ କୁମାର ନାୟକ ତଦନ୍ତ କରିଥିଲେ । ସେମାନେ ସୂଚନା ଅଧିକାର ବଳରେ ଜାଣିବାକୁ ପାଇଥିଲେ ଯେ ୨୦୨୦-୨୧ ଆର୍ଥିକ ବର୍ଷରେ ପାଣି ଚୁଆ କାର୍ଯ୍ୟାଦେଶ ନମ୍ବର ୨୪୨୨୦୧୦/ଡବ୍ଲ୍ୟୁଏଚ/୧୦୨୯୩୧୭୫ରେ ୮ଲକ୍ଷ ଓ ନିମ ଚୁଆ ପୋଖରୀ କାର୍ଯ୍ୟାଦେଶ ୨୪୨୨୦୧୦/ଡବ୍ଲ୍ୟୁଏଚ/୧୦୨୯୩୧୭୮ରେ ୮ ଲକ୍ଷ ଓ

### ରାସ୍ତା,ପୋଖରୀ ନାଁରେ ୨୪ ଲକ୍ଷ ଟଙ୍କା ଆତ୍ମସାତ୍ ଘଟଣା

ଖଇରିଗାଡିଆ ଠାରୁ ମନ୍ଦାରବେଣୀ ରାସ୍ତା କାର୍ଯ୍ୟାଦେଶ ନମ୍ବର ୨୪୨୨୦୧୦/ଡବ୍ଲ୍ୟୁଏଚ/୩୧୦୫୨୪୫ରେ ୮ ଲକ୍ଷ ଏପରିମୋଟ ୨୪ ଲକ୍ଷ ଟଙ୍କା କାମ ନ ହୋଇ ଅର୍ଥ ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଥିଲା । ଆଜି ତଦନ୍ତ ସମୟରେ ଖଇରିଗାଡିଆ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ । ସେମାନଙ୍କ କହିବା ଅନୁଯାୟୀ ତାଙ୍କ ଗ୍ରାମ ଏକ ଶୃଙ୍ଖଳିତ ଶିକ୍ଷିତ ଗ୍ରାମ । ସେମାନଙ୍କ ଗ୍ରାମରେ ଯେକୌଣସି ଉନ୍ନତିମୂଳକ ସରକାରୀ ଓ ବେସରକାରୀ କାର୍ଯ୍ୟ ହେଲେ ଗ୍ରାମବାସୀଙ୍କ ଦ୍ୱାରା ଗଠିତ ଗ୍ରାମ୍ୟ କମିଟି କରିଥାଏ ଏବଂ ଗ୍ରାମ୍ୟ କମିଟି ଗ୍ରାମବାସୀଙ୍କ ପାଖେ ଉତ୍ତରଦାୟୀ ରହିଥାଏ । ସେମାନଙ୍କ ଗ୍ରାମ୍ୟ କମିଟି ଓ ଗ୍ରାମବାସୀଙ୍କ ଅଗୋଚରରେ ଗାଣ୍ଟୁଆଏ ମାଟି ନ ଉଠି ଲକ୍ଷାଧିକ ଟଙ୍କା ଆତ୍ମସାତ ହେବା ଗ୍ରାମବାସୀଙ୍କ ସ୍ୱାଭିମାନ ପ୍ରତି ଆଞ୍ଚ ଆଣିଛି । ହେଲେ ତଦନ୍ତ ପ୍ରକ୍ରିୟାରେ ବିଳମ୍ବ ଓ ଫଲ୍‌ସ ବିଲ କରିଥିବା ପ୍ରଶାସନିକ ଅଧିକାରୀମାନଙ୍କ ବିରୋଧରେ ଆଜି ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ତଦନ୍ତ କରିବାକୁ ଆସିଥିବା ଅଧିକାରୀଙ୍କ ସାମ୍ନାରେ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ ।

